## ସଂକ୍ଷେପରେ

### କୃଷି ସମବାୟ ସମିତିର ବାର୍ଷିକ ସଭା

କେନ୍ଦ୍ରାପଡା ଅଫିସ, ୨୮।୬:କେନ୍ଦ୍ରାପଡ଼ା ବ୍ଲକ ଜମଧର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସଭା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କାର୍ତ୍ତିକ ଚରଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମିତିର କାର୍ଯ୍ୟବୃଦ୍ଧି ସମ୍ପର୍କରେ ଆଲୋଚନା କରାଯିବା ସହିତ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କଟକ କ୍ରେଡିଟ କୋ ଅପରେଟିଭ ବ୍ୟାଙ୍କର କେନ୍ଦ୍ରାପଡା ଶାଖା ପରିଚାଳକ ରବୀନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ କୃଷକ କଲ୍ୟାଣ ଓ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ରବୀନ ବିହାରୀ ମହାନ୍ତି, ନିରାକାର ସ୍ୱାଇଁ, ବିଶ୍ୱନାଥ ମହାନ୍ତି, ରଞ୍ଜିତ ସାମଲ, ଧୀରେନ୍ଦ୍ରନାଥ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଫଳ ଚାଷୀ ଦୋଳଗୋବିନ୍ଦ ସାହୁ, କିଶୋର ଚନ୍ଦ୍ର ମଲ୍ଲିକ, ସୁନାକର ସ୍ୱାଇଁ, ହରେକୃଷ୍ଣ ଦାସ, ପ୍ରଭାକର ରାଉତ, ନାରାୟଣ ନାଥ ଓ ପଦ୍ମଲାଭ ସାହୁଙ୍କୁ ସମିତି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ବୈରାଗୀ ଚରଣ ସାହୁ, ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର କୃଷକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ।

### ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ, ଛାତ୍ରାଭିଭାବକ ବୈଠକ

ଆଳି, ୨୮।୬ (ଡି.ଏନ୍.ଏ.): ଓଡ଼ିଶା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ମୁତାବକ ଶୁକ୍ରବାର ଆଳି ଅଞ୍ଚଳର ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ନୋଡାଲ ହାଇସ୍କୁଲ ଗୁଡ଼ିକରେ ଶିକ୍ଷକ ଓ ଛାତ୍ରାଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆଳି ବ୍ଲକର ଶରତ କୁମାର ଦେବ ନୋଡାଲ ହାଇସ୍କୁଲ ସମେତ ପଦନପୁର ପ୍ରାଥମିକ ବିଦ୍ୟାଳୟ, ରସୁଲପୁରସ୍ଥିତ ଉର୍ଦ୍ଦୁ ବାଳିକା ପ୍ରାଥମିକ ବିଦ୍ୟାଳୟ, ଆଳି ହାଇସ୍କୁଲ, ସହଦେବ ବାଳିକା ଉଚ୍ଚ ବିଦ୍ୟାଳୟ, ମହୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ବିଏମ୍ ସେନାପତି, ମେଣ୍ଟପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ମହାଳିକ, ସିଆରସିସି ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ବିଷୟରେ ମତାମତ ପ୍ରକାଶ କରିଥିଲେ। ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇଁ ଉଜ୍ଜ୍ୱଳ ଓ ଉତ୍ଥାନ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ ପରିଚାଳନା କରାଯିବ ସେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ୪୦ ଦିନ ଧରି ଚାଲିବାକୁ ଥିବାରୁ ଏବଂ ଶିକ୍ଷକମାନେ ପିଲାମାନଙ୍କୁ ଲର୍ଣ୍ଣିଂ, ଏନହାନ୍ସମେଣ୍ଟ ପ୍ରୋଗ୍ରାମ ଜରିଆରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ ବୋଲି ପ୍ରଧାନଶିକ୍ଷକ ମଲ୍ଲିକ ଓ ସହକାରୀ ଶିକ୍ଷକ ସେକ୍ ଇଫତେକାର ଆଦିଲ, ନାରାୟଣ ପୂଝାରୀ, ମୋନାଲିସା ବେହେରା, ନିରଞ୍ଜନ ମିଶ୍ର ଓ ଆଦିକନ୍ଦ ବେହେରା ପ୍ରମୁଖ ଅଭିଭାବକମାନଙ୍କୁ ସୂଚନା ଦେଇଥିଲେ।

## ■ ମାଟ୍ରିକ ଫଳ ନୈରାଶ୍ୟଜନକ

# ୨୪ ସ୍କୁଲକୁ କାରଣ ଦର୍ଶାଅ ନୋଟିସ

■ ଜିଲାରେ ୮୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି
■ ସରକାରୀ ସ୍କୁଲ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉନାହିଁ
■ ବଢ଼ୁଛି ବେସରକାରୀ ସ୍କୁଲର ଆଦର

କେନ୍ଦ୍ରାପଡ଼ା ଅଫିସ୍, ୨୮।୬

ଶିକ୍ଷା ଓ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳାଫଳ ନୈରାଶ୍ୟଜନକ ରହିଛି। ସ୍କୁଲ ଭିତ୍ତିଭୂମି ସଜାଡ଼ିବାଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରିବା ସହ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଛି। କିନ୍ତୁ ଚଳିତବର୍ଷ ବହୁ ସ୍କୁଲର ଛାତ୍ରୀଛାତ୍ର ପରୀକ୍ଷାରେ ଖରାପ ପ୍ରଦର୍ଶନ କରିଛନ୍ତି। ଫଳରେ ଅଧାରୁ ଅଧିକ ପିଲା ଫେଲ୍ ହୋଇଥିବା ସ୍କୁଲକୁ ଜିଲା ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ଜିଲାର ୨୪ଟି ସ୍କୁଲକୁ ଗତ ୧୯ ତାରିଖରେ ଚିଠି (ନଂ.-୫୬୮୧) କରିଛନ୍ତି। ସେଗୁଡ଼ିକ ହେଲା ଇନ୍ଦିରାଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାନହଳପଡାର ଶ୍ରୀଜଗନ୍ନାଥ ୟୁବିପି, କୃଷ୍ଣନଗରର ଶଶିଭୂଷଣ ହାଇସ୍କୁଲ, ମାଆ ଧାନଖାଇ ଗାର୍ଲସ ହାଇସ୍କୁଲ, ମାଣିକପୁରର ନୃସିଂହଜୀଉ ବାଳିକା ଉଚ୍ଚ ବିଦ୍ୟାଳୟ, ବଡହଳପଡ଼ାର ମା’ କୁଜକାଳିକା ହାଇସ୍କୁଲ, ନିକିରାଇ ଗାର୍ଲସ ହାଇସ୍କୁଲ, ଅବଦଲପୁରର ଈଶାନେଶ୍ୱର ୟୁବିପି, ହରିଦାସପୁରର ପଞ୍ଚାୟତ ନାଗମଣି ହାଇସ୍କୁଲ, ଜଝାଙ୍ଗର ମହାବୀର ବାଳିକା ଉଚ୍ଚ ବିଦ୍ୟାଳୟ, ରାଜଗଡ ବାଘତଇଳାର ଶ୍ରୀନୀଳକଣ୍ଠେଶ୍ୱର ହାଇସ୍କୁଲ, ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଏହି ନୋଟିସ୍ ପଠାଯାଇଛି। ଅନୁରୂପ ଭାବେ ସାଳିଆଞ୍ଚର କଣ୍ଠେଶ୍ୱରୀ ହାଇସ୍କୁଲ, ରାଇଚନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟ, କୁରୁଣ୍ଟିର କାଞ୍ଚନେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସପଳଙ୍ଗର ଆରସି ହାଇସ୍କୁଲ, କମଳା ମଡେଲ ବାଳିକା ଉଚ୍ଚ ବିଦ୍ୟାଳୟ, ମଣିବାବା ପଞ୍ଚାୟତ ହାଇସ୍କୁଲ, କଣ୍ଡିରାର ବାସୁଦେବ ବିଦ୍ୟାପୀଠ, ହରିପୁରର ଶ୍ରୀମା ବାଳିକା ଉଚ୍ଚ ବିଦ୍ୟାଳୟ, ଦୋଳିଗାଁର ନୀଳକଣ୍ଠେଶ୍ୱରର ସାତମୌଜା ହାଇସ୍କୁଲ, ଘଡିଆମାଳର ସିଦ୍ଧେଶ୍ୱର ହାଇସ୍କୁଲ, ତନାରର ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଚଅଁରଖୋଳାର ରଙ୍ଗଣୀ ଜିପି ହାଇସ୍କୁଲକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ଜିଲାର ଅନ୍ୟ କେତେକ ସ୍କୁଲ ଅଛି, ଯାହାର ରେଜଲ୍ଟ ୫୦ ପ୍ରତିଶତରୁ କମ୍ ରହିଛି। କିନ୍ତୁ ସେହି ସ୍କୁଲଗୁଡ଼ିକୁ ନୋଟିସ୍ ଜାରି କରାଯାଇ ନ ଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା ଜିଲାର ସରକାରୀ କାଟାଗୋରୀର ଅଠରବାଟିଆର ବ୍ରଜ ମହାକାଳୀ ହାଇସ୍କୁଲ, ଗୋପାଳପୁରର ବନବିହାରୀଜୀଉ ମଡେଲ ହାଇସ୍କୁଲ, ଦିଘିର ବୀଣାପାଣି ମଡେଲ ହାଇସ୍କୁଲ, ଖରିଅଣ୍ଟାର ଜିପି ନୋଡାଲ ହାଇସ୍କୁଲ, ପଞ୍ଚୁବରାହୀର ସରକାରୀ ୟୁଜି ହାଇସ୍କୁଲ, କେନ୍ଦ୍ରାପଡ଼ା ହାଇସ୍କୁଲ, କୋରୋ ପଞ୍ଚାୟତ ହାଇସ୍କୁଲ, ବରୁଣଡ଼ିଆର ଏଲ୍‌ବି ଆଞ୍ଚଳିକ ହାଇସ୍କୁଲ, ଭାମଣ୍ଡାର ଏନ୍ଏନ୍ ନୋଡାଲ ୟୁବିପି, ଡାଙ୍ଗମାଳର ନାଗ ନାରାୟଣ ହାଇସ୍କୁଲ, ଦେସାହି ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ, ପେଗରପଡ଼ା ନୋଡାଲ ହାଇସ୍କୁଲ, ଦେପୁରର ସରସ୍ୱତୀ ନୋଡାଲ ହାଇସ୍କୁଲ, ଚାନ୍ଦିବାଉଁଶମୂଳର ଶ୍ରୀଜଗନ୍ନାଥ ହାଇସ୍କୁଲ, ଘାଘରାର ଶ୍ରୀ ଅଭିରାମ ନୋଡାଲ ଉଚ୍ଚ ଶିକ୍ଷାଶ୍ରମ, ତରଣ୍ଡୋ ନୋଡାଲ ହାଇସ୍କୁଲ, ପଣଷଗଣ୍ଡର ଉତ୍କଳମଣି ହାଇସ୍କୁଲ, ନପଙ୍ଗର ଆଞ୍ଚଳିକ ବିଦ୍ୟାପୀଠ, ଅଳାଇଲୋର ମଣିବାବା ପଞ୍ଚାୟତ ହାଇସ୍କୁଲ ଓ ଇଟିପୁରର ସୁଭଦ୍ରା ଗାର୍ଲସ ହାଇସ୍କୁଲ। ତେବେ ଏହି ସ୍କୁଲଗୁଡିକରେ ଭିତ୍ତିଭୂମିର ଅଭାବ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି।

### ଏମାନେ କୁହନ୍ତି...

ଜିଲାର ସମୁଦାୟ ୩୪୮ ହାଇସ୍କୁଲରେ ପ୍ରାୟ ୨୧ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଚଳିତ ଶିକ୍ଷା ବର୍ଷ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆଯାଉ ନାହିଁ। ଜିଲାରେ ୮୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ରହିଛି। ବହୁ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଗଣିତ, ବିଜ୍ଞାନ, ସଂସ୍କୃତ ଆଦି ବିଷୟ ପଢ଼ା ହୋଇପାରୁନାହିଁ। ଏପରି କି ଜିଲାର ବହୁ ସ୍କୁଲର ପ୍ରଧାନ ଶିକ୍ଷକ ଭାରପ୍ରାପ୍ତ ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁ ସ୍ଥାନରେ ପ୍ରଧାନ ଶିକ୍ଷକ କିମ୍ବା ସହକାରୀ ଶିକ୍ଷକ ଅବସର ନେଉଛନ୍ତି, ସେହି ସ୍ଥାନରେ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାରୁ ଶିକ୍ଷାର ମାନ କମୁଛି

*–ଶ୍ୟାମଘନ ମିଶ୍ର, ଅଭିଭାବକ*

ସରକାର ଶିକ୍ଷକ ପଦବୀ ପୂରଣ ସହିତ ସରକାରୀ ସ୍କୁଲ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା କଥା। ଜିଲା ପ୍ରଶାସନ ଓ ଶିକ୍ଷାବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏବେ ବେସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ଓ ପିଲାମାନଙ୍କର ଆଦର ବଢ଼ୁଛି। କେନ୍ଦ୍ରାପଡା ଜିଲାର ଗମନାଗମନ ପଥ ପାଇଁ ବହୁ ସ୍କୁଲକୁ ଶିକ୍ଷା ଅଧିକାରୀ ଯିବାକୁ ମନ ବଳାଉନାହାନ୍ତି। ବିଶେଷ କରି ଜିଲାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ମାଟ୍ରିକ ପରୀକ୍ଷା ଫଳ ନୈରାଶ୍ୟଜନକ ହୋଇଥିବା ଦେଖାଯାଉଛି।

*–ସେକ୍ ସାବିର ଖାନ, ଅଭିଭାବକ*

ଶିକ୍ଷା ବ୍ୟବସ୍ଥାର ତୃଣମୂଳ ସମସ୍ୟାକୁ ସମାଧାନ ପାଇଁ ଚାଲିଥିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଏଥିସହିତ କର୍ତ୍ତବ୍ୟରେ ଅବହେଳା କରୁଥିବା ଶିକ୍ଷା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

*–ସମର୍ଥ ବର୍ମା, ଜିଲାପାଳ*

### ବାରିମୂଳ ସରପଞ୍ଚଙ୍କ ନାଁରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୨୮।୬

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାରିମୂଳ ସରପଞ୍ଚ ସୁଦ୍ଧଦେବ ବେହେରାଙ୍କ ପଦବୀ ରଦ୍ଦ ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ କୋର୍ଟରେ ଶୁକ୍ରବାର ଏକ ମାମଲା ଦାଏର ହୋଇଛି। ଉକ୍ତ ପଞ୍ଚାୟତ ଅଧୀନ ତିଳେଈମାଦେଇପୁର ଗ୍ରାମର ବିଜୟ କୁମାର ଜେନା ଏହି ଅଭିଯୋଗ କରିଛନ୍ତି। ଏ ନେଇ ନଂ.୨୩/୧୯ ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସରପଞ୍ଚ ବେହେରା ନିର୍ବାଚନ ସମୟରେ ଭୁଲ୍ ସତ୍ୟପାଠ ଦାଖଲ କରିଛନ୍ତି। ସେତେବେଳେ ସେ ଜଣେ ଠିକାଦାର ଭାବେ ଜଳସେଚନ ବିଭାଗ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ ମଧ ସେ କୌଣସି ଲାଭଦାୟକ ଚୁକ୍ତି ବ୍ୟବସାୟରେ ସମ୍ପୃକ୍ତ ନ ଥିବା ସତ୍ୟପାଠରେ ଦର୍ଶାଇଥିଲେ। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୬ (ଏନ୍)ରେ ଏପରି ସତ୍ୟପାଠ ଅବୈଧ ହୋଇଥିବାରୁ ସରପଞ୍ଚ ପଦବୀରୁ ବେହେରାଙ୍କୁ ହଟାଯାଉ ବୋଲି ଅଭିଯୋଗକାରୀ ଜେନା ଉଲ୍ଲେଖ କରିଛନ୍ତି।

# ବେଆଇନ ଚିଙ୍ଗୁଡ଼ିଘେରି ଭାଙ୍ଗିଲା ପ୍ରଶାସନ

ମହାକାଳପଡ଼ା, ୨୮।୬ (ଡି.ଏନ୍.ଏ.)


ଚିଙ୍ଗୁଡି ଘେରି ଭଙ୍ଗାଯାଉଛି।

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ସମସ୍ୟା ବଢ଼ିବାରେ ଲାଗିଛି। ସରକାରୀ ଜମି ଓ ଜଙ୍ଗଲ ଜମିରେ ବଡ଼ ବଡ଼ ପୋଖରୀ ଖୋଳାଯାଇ ରାସାୟନିକ ପଦ୍ଧତିରେ ଟାଇଗର (ବାଗଟା) ଚିଙ୍ଗୁଡ଼ିକୁ ଉତ୍ପାଦନ କରାଯାଉଛି। ବ୍ୟବସାୟୀମାନେ ସରକାରୀ କର୍ମଚାରୀଙ୍କୁ ଧରି ବେଶ୍ ଲାଭବାନ ହେଉଛନ୍ତି। ହେଲେ ଚିଙ୍ଗୁଡ଼ି ଘେରି ପାର୍ଶ୍ୱରେ ଥିବା ଚାଷ ଜମିଗୁଡ଼ିକରେ ଲୁଣି ପାଣି ପଶି ଯାଉଥିବାରୁ ଫସଲ ନଷ୍ଟ ହେଉଛି। ତେଣୁ ବେଆଇନ ଚିଙ୍ଗୁଡ଼ି ଫେରି ଭାଙ୍ଗିବା ଲାଗି ବିଭିନ୍ନ ସମୟରେ ଚାଷୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି। ଲୁଣି ପାଣି ଝରି ଧାନ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ତେବେ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ବଉଳକଣି ପଞ୍ଚାୟତ ଗୋବରୀ ମାଉଥା ନିକଟରୁ ପ୍ରଶାସନ ପକ୍ଷରୁ କେତେକ ବେଆଇନ ଚିଙ୍ଗୁଡ଼ି ଘେରି ଭଙ୍ଗା ଯାଇଛି। ଅବଶିଷ୍ଟ ଘେରି ଶନିବାର ଭଙ୍ଗାଯିବ ବୋଲି ସୂଚନା ମିଳିଛି। ଏହି ଚିଙ୍ଗୁଡ଼ି ଘେରୀ ଭଙ୍ଗା ହେବା ବେଳେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ, ମହାକାଳପଡ଼ା ତହସିଲଦାର ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର ଅଜିତ ସାହୁ ଉପସ୍ଥିତ ଥିଲେ। ଜମ୍ବୁ ମେରାଇନ ଥାନା କର୍ମଚାରୀଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତରେ ଘେରି ଭଙ୍ଗା ହୋଇଛି।

### ଡେରାବିଶ ପଞ୍ଚାୟତ ସମିତିର ୭ମ ଅଧିବେଶନ

ଡେରାବିଶ, ୨୮।୬ (ସ୍ୱ.ପ୍ର.)

ଡେରାବିଶ ପଞ୍ଚାୟତ ସମିତିର ୭ମ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଅଧକ୍ଷତା କରିଥିଲେ। ଏବିଡିଓ ଭଞ୍ଜକିଶୋର ନାୟକ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାୟକ, ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ, ୧୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ମନୋରମା ସାହୁ, ୧୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଜବା ମୁର୍ମୁ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ମଲ୍ଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନି, ବ୍ଲକ ସମୃଦ୍ଧି ସହାୟକ ମୃଣ୍ମୟ ରାଉତ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ସମିତି ଅଧ୍ୟକ୍ଷ ସାହୁ ପୂର୍ବତନ ବିଧାୟକ ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଅଧକ୍ଷ ସାହୁ ଉକ୍ତ ବୈଠକରେ ହେବାକୁ ଥିବା ଆଲୋଚନା ପରବର୍ତ୍ତୀ ବୈଠକ ହେବ ବୋଲି କହିବା ସହ ସଭା ସାଙ୍ଗ କରିଥିଲେ।

### ସମନ୍ୱିତ ମହିଳା ମତ୍ସ୍ୟଜୀବୀ ପ୍ରୋତ୍ସାହନ ଶିବିର



ଶିବିରରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

ରାଜକନିକା, ୨୮।୬ (ଡି.ଏନ୍.ଏ)

ରାଜକନିକା ବ୍ଲକ ଅଧୀନ ପିଣ୍ଡୁଡ଼ିସ୍ଥିତ ଗ୍ରାମଉତ୍ଥାନ ପକ୍ଷରୁ ସମନ୍ୱିତ ମହିଳା ମତ୍ସ୍ୟଜୀବୀ ପ୍ରୋତ୍ସାହନ ଓ ଉତ୍ପାଦନ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। କଲ୍ୟାଣୀ ଉଦ୍ୟୋଗ ପରିସରରେ ଅନୁଷ୍ଠିତ ଶିବିରରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡର ଜେନେରାଲ ମ୍ୟାନେଜର ଏ.ପି ଦାସ, କେନ୍ଦ୍ରାପଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା, ଗିଜ ଇଣ୍ଡିଆ ନିର୍ଦ୍ଦେଶକ ରାଜୀବ ଆହାଲ ଏବଂ ଆଇଏଫ୍ଏଡିର ପ୍ରୋଗ୍ରାମ ଅଫିସର ଫ୍ରିଡ ବେହାଟୁ ଯୋଗଦେଇ ମହିଳା ମତ୍ସ୍ୟଚାଷୀ ଉତ୍ପାଦକ ସଂଗଠନର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ରାଜନଗରର ୪ଟି ମହିଳା ମତ୍ସ୍ୟ ଉତ୍ପାଦକ ସଂଗଠନର ସଦସ୍ୟାମାନଙ୍କ ସହ ପରିଚାଳନା ଏବଂ ବିକାଶ ପାଇଁ ଅତିଥିମାନେ ଆଲୋଚନା କରିଥିଲେ। ଏଥିସହ ଅତିଥିମାନେ ସମନ୍ୱିତ ଚାଷୀ ପ୍ରୋତ୍ସାହନ ଶିବିର, ମତ୍ସ୍ୟ ଉତ୍ପାଦ ୟୁନିଟ, ବଗିଚା ଏବଂ ପନିପରିବା ଉତ୍ପାଦନ ନର୍ସରୀ, ମାଛ ଓ ବତକ ପାଳନ ଏବଂ ଜିଆଖତ ଉତ୍ପାଦନର ପ୍ରାମାଣିକତାର ନମୁନାକୁ ବୁଲି ଦେଖିଥିଲେ। ଗ୍ରାମଉତ୍ଥାନ ସମ୍ପାଦକ ଗୋବିନ୍ଦ ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

## ■ ଚାଷୀଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ

# ବର୍ଷା ଅଭାବରୁ ଗଜା ମରୁଡ଼ି

ରାଜକନିକା, ୨୮।୬ (ଡି.ଏନ୍.ଏ.)

ଗତ ମେ ମାସରେ ହୋଇଥିବା ବାତ୍ୟା ଫନୀ ପ୍ରଭାବରେ ଉପକୂଳ ଜିଲାଗୁଡ଼ିକରେ ବିଶେଷ କ୍ଷତି କରିଥିଲା। ଏଥିସହ ଏହା ପ୍ରଭାବରେ ଅନେକ ଚାଷ ଉଜୁଡ଼ି ଯାଇଥିଲା। ଏହାପରେ ଉଜୁଡ଼ା କ୍ଷେତରେ ଚାଷ କରିବାକୁ ଆଶା କରି ଚାଷୀମାନେ ବିଲରେ ହଳ କରି ଧାନ ବୁଣିଥିଲେ। ହେଲେ ଜୁନ୍ ମାସ ଶେଷ ହେବାକୁ ବସିଥିଲା ବେଳେ ରାଜକନିକା ବ୍ଲକ ଅଞ୍ଚଳରେ ଏ ପର୍ଯ୍ୟନ୍ତ ବର୍ଷା ହୋଇନି। ବର୍ଷା ନ ହେବାରୁ ଧାନ ବୁଣା ହୋଇଥିବା ଜମି ଫାଟି ଆଁ କରିଛି। ନାଳରେ ପାଣି ନ ଥିବାରୁ ଚାଷ ଜମିକୁ ଜଳସେଚନ ହୋଇପାରୁନାହିଁ। ପାଣି ଅଭାବରୁ ବ୍ଲକ ଅଞ୍ଚଳରେ ଗଜା ମରୁଡ଼ି ଦେଖାଦେଲାଣି।

ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିବା ବେଳେ କାଁ ଭାଁ କେତେକ ସ୍ଥାନରେ ବର୍ଷା ହୋଇଛି। ପାଣି ଅଭାବରୁ ପଶ୍ଚିମକନିକା ଅଞ୍ଚଳର ଆଗପଡ଼ା, ସିହୋପଡ଼ା, ଭାମଣ୍ଡା, ହାଟସାହି, ଅବଦୁଲପୁର, ଅହମଦପୁର, ଚରପଡ଼ା, ଠାକୁରାଣିପାଳ, କଣ୍ଡିଆ, ପଧାନପଡ଼ା, ପଣସଗଣ୍ଡ, ଦାମୋଦରପୁର, ଫଜିଲପୁର, ନମତରା, ଦେଉଳତରା, ପାରିନୂଆପଡା ହାବଳଗଣ୍ଡ ଅଞ୍ଚଳରେ ଗଜା ମରୁଡି ଦେଖାଦେଇଛି। ବିଲରେ ଗୋରୁ ଗାଈ ଚରୁଛନ୍ତି। ବର୍ଷାକୁ ଚାହିଁ ଚାହିଁ ଚାଷୀଙ୍କ ନିଦ ହଜିଲାଣି ହେଲେ ବର୍ଷାର ଦେଖାନାହିଁ। ତେବେ ଏହି ଅଞ୍ଚଳରେ କେନାଲ ଯୋଗେ ଜଳସେଚନର ସୁବିଧା ନ ଥିବାରୁ ଚାଷ କାର୍ଯ୍ୟ ପାଇଁ ବର୍ଷା ଉପରେ ଚାଷୀମାନେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ବର୍ଷା ହେଲେ ଧାନ ହୁଏ ନ ହେଲେ ଜମି ପଡ଼ିଆ ପଡ଼େ। ପ୍ରତିବର୍ଷ ବାତ୍ୟା, ବନ୍ୟା ନ ହେଲେ ମରୁଡ଼ି ହୋଇ ଚାଷ କାର୍ଯ୍ୟରେ ବାଧା ଉପୁଯାଉଛି। ପ୍ରାକୃତିକ ଦୁର୍ବିପାକ ଯେପରି ଚାଷୀଙ୍କ ପିଛା ଛାଡୁ ନ ଥିବା ଦେଖାଯାଉଛି। ଫଳରେ ଅନେକେ ଏହି ସବୁ କାରଣରୁ ଚାଷ ଛାଡ଼ି ଜିଲା ବା ରାଜ୍ୟ ବାହାରେ ଯାଇ ଦାଦନ ଖଟିବାକୁ ପସନ୍ଦ କରୁଛନ୍ତି। ଫଳରେ ବ୍ଲକ ଅଞ୍ଚଳର ବହୁ ଚାଷ ଜମି ପଡ଼ିଆ ପଡୁଥିବା ଦେଖାଯାଉଛି। କୃଷି ବିଭାଗ କିମ୍ବ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ରାଜକନିକା ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ଦାବି କରିଛନ୍ତି।

# ଜାତୀୟ ରାଜପଥ କଡ଼ରୁ ହଟିବ ଟ୍ରକ୍

କେନ୍ଦ୍ରାପଡା ଅଫିସ, ୨୮।୬



ବୈଠକରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଓ ଅନ୍ୟ ପଦାଧିକାରୀମାନେ।

କେନ୍ଦ୍ରାପଡା ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ କଡ଼ରେ ରଖାଯାଉଥିବା ଟ୍ରକଗୁଡ଼ିକୁ ହଟାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପାରାଦୀପକୁ ଯାଉଥିବା ଟ୍ରକଗୁଡ଼ିକ ବହୁ ଦିନ ଧରି ଭୂତମୁଣ୍ଡାଇଠାରୁ ପଞ୍ଚୁପାଣ୍ଡବ ପର୍ଯ୍ୟନ୍ତ ଦୀର୍ଘ ୪୮ କି.ମି. ରାସ୍ତା କଡ଼ରେ ଧାଡ଼ି ବାନ୍ଧି ଅଟକି ରହିଛନ୍ତି। ଫଳରେ ଏହି ରାସ୍ତାରେ ଗତ ମାସକ ମଧ୍ୟରେ ୬ଟି ବଡ ଧରଣର ଦୁର୍ଘଟଣା ହୋଇଛି। ରାସ୍ତା ଅବରୋଧ କରୁଥିବା ଟ୍ରକଗୁଡିକୁ ହଟାଇବା ପାଇଁ ରାଜ୍ୟସ୍ତରରେ ଏକ ବୈଠକ ହୋଇଥିବା ଆରଟିଓ ନିଖିଲ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାସ୍ତା ଅବରୋଧ କରୁଥିବା ଟ୍ରକଗୁଡିକ ପାଇଁ ପାରାଦୀପରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ହେଉଛି। ଏହି ଅବସରରେ ସେ କହିଛନ୍ତି, ସଡକ ସୁରକ୍ଷା କମିଟି ପକ୍ଷରୁ ବିଭିନ୍ନ ସମୟରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନା କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଆୟୋଜିତ ହେଉଛି। ଏଥିସହ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସୁରକ୍ଷା ଫଳକ ଲଗାଇବା, ମ୍ୟାନହୋଲକୁ ବନ୍ଦ କରିବା, ଆପ୍ରୋଚ ରୋଡ ନିକଟରେ ହମ୍ପସ ନିର୍ମାଣ କରିବା, ଟ୍ରାଫିକ ଥାନା ପ୍ରତିଷ୍ଠା କରିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ସିଡିଏମ୍‌ଓ ଡା. ଉର୍ମିଳା ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ଏଆରଟିଓ ଅକ୍ଷୟ କୁମାର ସେନାପତି ଓ କମିଟି ସଦସ୍ୟମାନେ ସାମିଲ ଥିଲେ।

## ■ ୩ ବର୍ଷ ହେଲା ନିର୍ମାଣ ହେଉନି ସଂଯୋଗୀକରଣ ରାସ୍ତା

# ବ୍ରିଟିଶ ଅମଳ ରାସ୍ତାରେ ବିପଦସଙ୍କୁଳ ଯାତ୍ରା

ଡେରାବିଶ, ୨୮।୬ (ସ୍ୱ.ପ୍ର.)

### ଦାନପୁର-ପାଣିଓଳା ସେତୁ



■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଅଭିଯୋଗ
■ ତୁରନ୍ତ ସଂଯୋଗୀକରଣ ରାସ୍ତା କରା ନ ଗଲେ ଆନ୍ଦୋଳନ ଚେତାବନୀ

ଡେରାବିଶ ବ୍ଲକ ଅଧୀନ ଲୁଣା ନଦୀରେ ସେତୁ ନିର୍ମାଣ ହେବା ପରେ ଗରଦପୁର ଓ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳକୁ ଗମନା ଗମନ ସୁବିଧା ହେବ। ତେଣୁ ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ଦିନ ଧରି ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଥିବା ବେଳେ ଦାନପୁରଠାରେ ଦାନପୁର-ପାଣିଓଳା ସେତୁ ନିର୍ମାଣ ପାଇଁ ସରକାରୀ ଅନୁମତି ମିଳିଥିଲା। ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତୁ ଲୋକାର୍ପିତ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେତୁ ସଂଯୋଗୀକରଣ ନିର୍ମାଣ ହୋଇପାରିନାହିଁ। ଜମି ଜମା ବିବାଦକୁ କେନ୍ଦ୍ର କରି କୋର୍ଟରେ ମାମଲା ପଡି ରହିଥିବା ଆଳରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରାସ୍ତା କାର୍ଯ୍ୟ ବନ୍ଦ ରଖିଛନ୍ତି। ଫଳରେ ଏହି ସେତୁ ଦେଇ ଯାତାୟାତ କରିବାକୁ ହେଲେ ବ୍ରିଟିଶ ସରକାର ଅମଳରେ ଜଳସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ରାସ୍ତାକୁ ବ୍ୟବହାର କରାଯାଉଛି। ଏଥିସହ ଏହି ସେତୁକୁ ସଂଯୋଗ କରିଥିବା କେନ୍ଦ୍ରାପଡା କେନାଲ ଉପରେ ଆଉ ଏକ ସେତୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଫଳରେ କଟକରୁ ଗରଦପୁର ବ୍ଲକ ଅଞ୍ଚଳକୁ ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡିକ ମଧ୍ୟ ଏହି ବିପଦସଙ୍କୁଳ ପୋଲ ଓ ରାସ୍ତା ଦେଇ ଯାତାୟାତ କରୁଛି। ଏହା ଯାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ରାସ୍ତା ଦେଇ ଚାନ୍ଦୋଳ, ଡେଲଟା କଲେଜ ସହିତ ଦୋହଳିସ୍ଥିତ ବିବି ମଡେଲ ହାଇସ୍କୁଲ, କେଶରପୁର କଳିଙ୍ଗ ଆବାସିକ ବିଦ୍ୟାଳୟକୁ ଦୈନିକ ଶତାଧିକ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଏଥିସହ ଚାନ୍ଦୋଳ ହାଟ, ଚଅଁରପୁର ହାଟ, ମାହାଳ ହାଟକୁ ବ୍ୟବସାୟ ପାଇଁ ଚାଷୀମାନେ ଏହି ପୋଲ ଦେଇ ଯାଉଛନ୍ତି। ଏହି ବିପଦପୂର୍ଣ୍ଣ ପୋଲ ଦେଇ ଯାଆସ କରିବାକୁ ଲୋକମାନେ ବାଧ ହେଉଥିବା ବେଳେ କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିହେବ ନାହିଁ। ଅଞ୍ଚଳବାସୀ ଏ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା କୁହନ୍ତି, ଦାନପୁର ସେତୁ ଓ କେନ୍ଦ୍ରାପଡ଼ା କେନାଲର ନିର୍ମିତ ସେତୁକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଜମି ଜମା ବିବାଦ ଚାଲିଥିବା ବେଳେ ଉକ୍ତ ଜମିର କ୍ଷତିପୂରଣ ରାଶି ସରକାର ଡିପୋଜିଟ କରିଛନ୍ତି। ଏବେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କୋର୍ଟରୁ ଅନୁମତି ଆଣି ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାରେ କୌଣସି ଅସୁବିଧା ନାହିଁ। ମାତ୍ର ଦୀର୍ଘ ବର୍ଷ ଧରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଅଞ୍ଚଳବାସୀଙ୍କୁ ବହୁ ଅସୁବିଧାରେ ପକାଇଛି। ଖୁବଶୀଘ୍ର ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ନ ହେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯୋଗା ଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ନାଉଗାଁ,୨୮।୬(ସ୍ୱ.ପ୍ର.): ନାଉଗାଁ ବ୍ଲକ ଡାବର ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅବିଶ୍ୱାସୀ ସ୍ୱାଇଁ(୫୭)। ସକାଳ ୫ଟାରେ ସେ ନିଜ ବାଡିପଟ ପାଣି ପାଇପ୍ ନିକଟକୁ ମୁହଁ ଧୋଇବାକୁ ଯାଇଥିଲେ। ସେଠାରେ ଥିବା ଏକ ଘସି ଗଦାରୁ ଏକ ବିଷଧର ସାପ ବାହାରି ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଚିତ୍ତରଞ୍ଜନ ମିଶ୍ର ବିଧାୟକଙ୍କ ବ୍ଲକ ପ୍ରତିନିଧି ନିଯୁକ୍ତ



କୁଜଙ୍ଗ,୨୮।୬(ସ୍ୱ.ପ୍ର.): ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଭାବେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ନିଯୁକ୍ତ ହୋଇଛନ୍ତି। ଏନେଇ ବିଧାୟକଙ୍କ ପକ୍ଷରୁ ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ବିଡିଓ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦିଆଯାଇଛି। ସୂଚନାଯୋଗ୍ୟ, ମିଶ୍ର ଦୀର୍ଘଦିନ ଧରି ଦାମଙ୍କ ବିଶ୍ୱସ୍ତ ଓ ରାଜନୈତିକ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଦାମ ବିଜେଡିରୁ ବହିଷ୍କୃତ ହେବା ପରେ ତାଙ୍କର ସମସ୍ତ ଅନୁଗତ ତାଙ୍କୁ ଛାଡ଼ିଦେଇଥଲେ ମଧ ମିଶ୍ର ଆନୁଗତ୍ୟ ପ୍ରକାଶ କରିଆସିଥିଲେ। ମିଶ୍ର ଛାତ୍ର ଜୀବନରୁ ରାଜନୀତିରେ ସକ୍ରିୟ ରହିଥିଲେ। ପରେ ସେ ସରପଞ୍ଚ ଓ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ଏମ୍‌ପି ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଭାବେ ମଧ ସେ କାର୍ଯ୍ୟ କରିଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ସରପଞ୍ଚ ଭାରତ ଭୂଷଣ ନାୟକ, ମିହିର ରଞ୍ଜନ ପଟ୍ଟନାୟକ, ଉପାଧକ୍ଷା ପୁଷ୍ପଲତା ବେହେରା, ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ, ଜଗନ୍ନାଥପୁର ସେବା ସମବାୟ ସମିତି ସଭାପତି ଦିଲୀପ କୁମାର ଦାସ, ପ୍ରଫୁଲ୍ଲ ପରିଡା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଉତ୍କଳ, ଉତ୍ଥାନ ସମ୍ପର୍କରେ ଶିକ୍ଷକ, ଅଭିଭାବକ ବୈଠକ

ରଘୁନାଥପୁର, ୨୮।୬ (ଡି.ଏନ.ଏ.): ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଉତ୍କଳ ଓ ଉତ୍ଥାନ ସମ୍ପର୍କରେ ଶିକ୍ଷକ ଏବଂ ଅଭିଭାବକଙ୍କୁ ନେଇ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ୫ମରୁ ୧୦ମ ପର୍ଯ୍ୟନ୍ତ ଅଭିଭାବକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସର୍ବଶିକ୍ଷା ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ୪୦ ଦିନିଆ ଶିକ୍ଷା ଯୋଜନା ଓ ଏହାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଦୈନିକ ବିଦ୍ୟାଳୟକୁ ଆସିବା ଏବଂ ଘରେ ପିଲାମାନଙ୍କ ଶିକ୍ଷା ପ୍ରତି ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ଉପସ୍ଥିତ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ବିଦ୍ୟାଳୟର ଭିତ୍ତିଭୂମି, ବର୍ଷାଋତୁରେ ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ଏବଂ ଶିକ୍ଷା ପ୍ରତି ସଚେତନତାକୁ ଗୁରୁତ୍ୱ ଦିଆଯାଇଥିଲା।

---

### ଅଧିକାରୀ ଓ କର୍ମଚାରୀଙ୍କ ସହ ଜିଲାପାଳଙ୍କ ସମୀକ୍ଷା ବୈଠକ

# ପାଳିତ ହେବ ଜିଲାର ବରପୁତ୍ରଙ୍କ ଜନ୍ମ, ଶ୍ରାଦ୍ଧବାର୍ଷିକୀ

ଜଗତ୍‌ସିଂହପୁର ଅଫିସ,୨୮।୬



ବୈଠକରେ ଉପସ୍ଥିତ ଜିଲାପାଳ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ।

- ପୂଜ୍ୟପୂଜା ପରମ୍ପରା ଉଜ୍ଜୀବିତ ରଖିବାକୁ ଗୁରୁତ୍ୱ
- ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମର ନବକଳେବର ହେବ
- ଛପଡ଼ାଠାରେ ରେଳ ଲାଇନ ଉପରେ ନିର୍ମାଣ ହେବ ଓଭର ବ୍ରିଜ

ଜଗତ୍‌ସିଂହପୁର ଜିଲାର ଐତିହ୍ୟ ଓ ସଂସ୍କୃତି ମହାନ। ଏ ମାଟିରେ ରମା ଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ, ଶଶିବାଳା କାନୁନ୍‌ଗୋ, କ୍ଷେତ୍ରମଣି ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ଉତ୍ତରା ଚୌଧୁରୀ ଦେଶାଇ, ବେଲ ଦେଈ, ବିଳାସୀ ଦେଈ, ନିଶାମଣି ଦେଈ, ରତ୍ନମାଳି ଜେମା, ଝୁମ୍ପା ଦେବୀଙ୍କ ଭଳି ନାରୀନେତ୍ରୀ ଜନ୍ମ ନେଇ ସ୍ୱାଧୀନତା ସଂଗ୍ରାମରେ ଖାସ ଦେଇଛନ୍ତି। ସେହିପରି ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗୀରଥି ମହାପାତ୍ର, ମନମୋହନ ଚୌଧୁରୀ, ବୀର କିଶୋର ଦାସ, ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ଭଳି ମହାନ ଦେଶପ୍ରେମୀଙ୍କ ପାଇଁ ଏ ମାଟି ଗର୍ବିତ। ପ୍ରଫେସର ଡ. ପ୍ରାଣକୃଷ୍ଣ ପରିଜାଙ୍କ ଭଳି ବୈଜ୍ଞାନିକ ମଧ ଏ ମାଟିରେ ଜନ୍ମ ନେଇଛନ୍ତି। କିନ୍ତୁ ଏହି ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବା ପାଇଁ ପ୍ରଶାସନିକସ୍ତରରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ନୂତନ ପିଢି ଏ ମାଟିର ଗରିମା କଥା ଜାଣିପାରୁନାହାନ୍ତି। ଜଗତ୍‌ସିଂହପୁର ସହରରେ ୨୦ରୁ ଅଧିକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରହିଛି। ତଥାପି ମଧ ପୂଜ୍ୟପୂଜା ପରମ୍ପରାକୁ ଗୌଣ କରାଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥାଏ। ତେବେ ପ୍ରଥମଥର ପାଇଁ ନୂତନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିପ୍ରତି ତତ୍ପରତା ପ୍ରକାଶ କରିଛନ୍ତି।

ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ ସହ ହୋଇଥିବା ଏକ ସମୀକ୍ଷା ବୈଠକରେ ସେ ଏ ମାଟିର ସୁଯୋଗ୍ୟ ସନ୍ତାନମାନଙ୍କ ଜନ୍ମ ଓ ଶ୍ରାଦ୍ଧବାର୍ଷିକୀ ସ୍ୱତନ୍ତ୍ର ଭାବେ ପାଳନ କରାଯିବ ବୋଲି କହିଛନ୍ତି। ଏହି ଅବସରରେ ସେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଜିଲା ମୁଖ୍ୟାଳୟରେ ଥିବା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମର ନବକଳେବର ଉପରେ ଧ୍ୟାନ ଦେଇଛନ୍ତି। ଏହାକୁ ସଫା କରିବା ସହ ବହୁ ପରିମାଣରେ ଫୁଲ ଚାରାରୋପଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପରେ ଷ୍ଟାଡିୟମର ଉନ୍ନତିକରଣ କରାଯିବ ବୋଲି ସେ କହିଛନ୍ତି। କଲେଜ ଛକରୁ ଷ୍ଟାଡିୟମକୁ ଯାଇଥିବା ରାସ୍ତା ଓସାର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜଇପୁର-ଜଗତ୍‌ସିଂହପୁର ରାସ୍ତାର ଛପଡ଼ାଠାରେ ରେଲୱେ ଲାଇନ୍ ଅତିକ୍ରମ କରୁଥିବାରୁ ଅନେକ ସମୟରେ ଫାଟକ ବନ୍ଦ ରହୁଛି। ତେଣୁ ଏଠାରେ ଓଭରବ୍ରିଜ୍ ନିର୍ମାଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। କଳାକାରମାନଙ୍କ ଭତ୍ତା ପ୍ରଦାନରେ ବିଳମ୍ବ ହେଉଥିଲା। ନିକଟରେ ଜିଲାପାଳ ୪୦୦ରୁ ଅଧିକ କଳାକାରଙ୍କ ୨ ମାସର ଭତ୍ତା ଅନୁମୋଦନ କରିଛନ୍ତି। ଏଥିସହ ଆଗାମୀ ଜୁଲାଇ ମାସ ପ୍ରଥମ ସପ୍ତାହ ସୁଦ୍ଧା ଅବଶିଷ୍ଟ ସମସ୍ତ କଳାକାରଙ୍କୁ ବକେୟା ଭତ୍ତା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ନ୍ୟାୟାଳୟ ସଂକ୍ରାନ୍ତୀୟ ମାମଲା, ଇ-ଅଭିଯୋଗ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ପତ୍ର ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଲରମାନେ ଠିକ ଭାବେ ସାମଗ୍ରୀ ଦେଉଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଜିଲା ଯୋଗାଣ ବିଭାଗ ଅଧିକାରୀ ବିଶେଷ ଦାୟିତ୍ୱବାନ ହେବାକୁ କହିଛନ୍ତି। ଜିଲା କାର୍ଯ୍ୟାଳୟରେ ଇ-ଅଫିସ ବ୍ୟବସ୍ଥା ଓ ୱାଇଫାଇ କରିବାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବାକୁ ଜିଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣି, ଡେପୁଟି କଲେକ୍ଟର ଅରୁନ୍ଧତୀ ପଟ୍ଟନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସହକାରୀ ଜିଲାପାଳ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ତହସିଲ କାର୍ଯ୍ୟ ତଦାରଖ

ତିର୍ତ୍ତୋଲ,୨୮।୬(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ ମହାପାତ୍ର ଶୁକ୍ରବାର ଅପରାହ୍ଣରେ ତିର୍ତ୍ତୋଲ ତହସିଲ ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। ତହସିଲଦାର ସୁଜାତା ପାତ୍ର ଅନୁପସ୍ଥିତ ଥିବାରୁ ସେ ଅତିରିକ୍ତ ତହସିଲଦାର ସଙ୍ଗିତା ଖଟୁଆଙ୍କ ସହ ଆଲୋଚନା କରିଥିଲେ। ପରେ ସମସ୍ତ କର୍ମଚାରୀଙ୍କୁ ଡାକି ତହସିଲ କାର୍ଯ୍ୟ ଠିକ୍ ଭାବେ ଚାଲିଛି କି ନାହିଁ ତାହା ପଚାରି ବୁଝିଥିଲେ। ଧାର୍ଯ୍ୟ ସମୟରେ ଜମିପଟା ସହ ବିବିଧ ପ୍ରମାଣପତ୍ର ମିଳୁ ନ ଥିବା ଅଭିଯୋଗ ସମ୍ପର୍କରେ ପ୍ରଶ୍ନ କରି ଏହି ସମସ୍ୟା ସୁଧାରିବାକୁ କହିଥିଲେ। ତହସିଲର ଯେଉଁ ସବୁ ସମସ୍ୟା ରହିଛି ତାହା ଶୀଘ୍ର ସମାଧାନ କରି ଲୋକମାନଙ୍କୁ ଉଚିତ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ନିୟମିତ ଭାବରେ ଏହିପରି ଅଚାନକ ପରିଦର୍ଶନରେ ଆସି ଲୋକମାନଙ୍କ ସମସ୍ୟା ଓ ତହସିଲ କାର୍ଯ୍ୟ ସମ୍ପର୍କରେ ବିଝିବେ ବୋଲି ସେ ସୂଚନା ଦେଇଥିଲେ। ଲୋକମାନଙ୍କ ଆବଶ୍ୟକ ପ୍ରମାଣପତ୍ର ଓ ଜମିଜମା କାଗଜପତ୍ର କିପରି ସେମାନଙ୍କୁ ସଠିକ ସମୟରେ ମିଳିବ ସେଥିପାଇଁ ସତର୍କତା ଅବଲମ୍ବନ କରିବାକୁ ତହସିଲ କର୍ମଚାରୀମାନଙ୍କୁ ଜିଲାପାଳ ଏହି ଅବସରରେ ନିର୍ଦ୍ଦେଶ ଦେଇଥିଲେ।

---

### ଭୂତମୁଣ୍ଡାଇରେ ଟ୍ରକ ଟର୍ମିନାଲ ନିର୍ମାଣକୁ ବିରୋଧ

## ଆଞ୍ଚଳିକ ସୁରକ୍ଷା ସମିତିର ଧାରଣା



ଧାରଣାରେ ବସିଥିବା ଆଞ୍ଚଳିକ ସୁରକ୍ଷା ସମିତିର କର୍ମକର୍ତ୍ତା।

କୁଜଙ୍ଗ,୨୮।୬(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ପଞ୍ଚାୟତ ନିକଟବର୍ତ୍ତୀ ଜାତୀୟ ରାଜପଥ ପାର୍ଶ୍ୱରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ମାଣ ହେବାକୁ ଥିବା ଟ୍ରକ ଟର୍ମିନାଲକୁ ବିରୋଧ କରି ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଛି। ଏହି ଟର୍ମିନାଲ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ ହେବାର ଥିବାବେଳେ ଧାରଣା ଯୋଗୁ ତାହା ବାତିଲ କରାଯାଇଥିବା କୁହାଯାଉଛି। ଏହି ସ୍ଥାନରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପାଇଁ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ମାତ୍ର ଏଥିପ୍ରତି ଦୃଷ୍ଟି ଦିଆ ନ ଯାଇ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯାଉଥିବାରୁ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ପ୍ରକାଶ ଯେ, ଗତ ଏକ ବର୍ଷ ହେଲା କୁଜଙ୍ଗ ଓ ପାରାଦୀପ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ଭୂତମୁଣ୍ଡାଇଠାରେ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ କରିବାକୁ ଆଞ୍ଚଳିକ ସୁରକ୍ଷା ସମିତି ଆନ୍ଦୋଳନ ଚଳାଇ ଆସୁଛି। ଏନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ମାତ୍ର ଏହି ସ୍ଥାନରେ ପାରାଦୀପ ବନ୍ଦର ପକ୍ଷରୁ ଟ୍ରକ ରହଣୀ ପାଇଁ ଟର୍ମିନାଲ ନିର୍ମାଣ କରିବାକୁ ଟେଣ୍ଡର କରାଯାଇଛି। ଏହାକୁ ଆରମ୍ଭରୁ ଆଞ୍ଚଳିକ ସୁରକ୍ଷା ସମିତି ବିରୋଧ କରିଆସୁଛି। ତେବେ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥା ପକ୍ଷରୁ ଶୁଭ ଦିଆଯିବାକୁ ଥିବା ସୂଚନା ପାଇ ସମିତି ବିରୋଧ ପ୍ରଦର୍ଶନ କରିଛି। ସମିତିର ବରିଷ୍ଠ ସଭ୍ୟ ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ଦେବବାଳା ମହାପାତ୍ର, ମିନର୍ଭା ପରିଡ଼ା, ପ୍ରମୋଦ କୁମାର ସ୍ୱାଇଁ, ପ୍ରଶାନ୍ତ ଚୌଧୁରୀ, ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଧାରଣାରେ ବସିଥିଲେ। ଆସନ୍ତା ଦିନରେ ଟ୍ରକ ଟର୍ମିନାଲ ନିର୍ମାଣକୁ ତୀବ୍ର ବିରୋଧ କରାଯିବା ସହିତ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ଦାବିରେ ଆନ୍ଦୋଳନ କରାଯିବ ବୋଲି ସମିତିର ସଭାପତି ରଘୁନାଥ ସାହୁ ପ୍ରକାଶ କରିଛନ୍ତି।

### ପିଏମ୍‌କେଭିୱାଇ ଯୋଜନାରେ କୌଶଳ ମେଳା

ରଘୁନାଥପୁର, ୨୮।୬ (ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ରଘୁନାଥପୁରସ୍ଥିତ ଇନ୍‌ଫେଷ୍ଟ ଲନ ଆଣ୍ଡ ୱାର୍କର୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ କୌଶଳ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ବିଡିଓ ପଞ୍ଚାନନ ପଟାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ତାଲିମ ଗ୍ରହଣ କରି ଦକ୍ଷତାକୁ ପ୍ରତିପାଦନ କରିବା ସହ ସୁଯୋଗକୁ ହାତଛଡା ନ କରିବାକୁ ଆହ୍ୱାନ କରିଥିଲେ। ସେହିପରି ଏବିଡିଓ ଆଶୋକ କୁମାର ମହାନ୍ତି ଓ ପ୍ରୋଗ୍ରେସ ଆସିଷ୍ଟାଣ୍ଟ ଦେବାଶ୍ରୀତା ପରିଡା ସମ୍ମାନିତ ଅତିଥି ଭାବେ ଛାତ୍ରୀଛାତ୍ରମାନେ କୌଶଳ ସମ୍ପର୍କରେ ତାଲିମ ନେଇ ବିଭିନ୍ନ ସଂସ୍ଥାରେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ରଖିଥିଲେ। ଟ୍ରେନର ଭାବେ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏପ୍ରିଲ ୧୦ରୁ ପ୍ରଶିକ୍ଷଣ ଆରମ୍ଭ ହୋଇ ୩ ମାସ ପର୍ଯ୍ୟନ୍ତ ଚାଲିବ। ତାଲିମ ନେଉଥିବା ବସନ୍ତ କୁମାର ସାହୁ, ମୋନାଲିସା ବଡ଼ିଆ, ବିଭାସ କୁମାର ପଣ୍ଡା, ବିକାଶ କୁମାର ପୋଠାଳ ଓ ସଲମା ବେଗମ ପ୍ରମୁଖ ନିଜର ଅନୁଭୂତି ସମ୍ପର୍କରେ କହିଥିଲେ। ଶୁଭଶ୍ରୀ ସ୍ୱାଇଁ, ଜ୍ୟୋତିପ୍ରଭା ରାଉତ, ସଙ୍ଗୀତା ଜେନା ଏବଂ ମୋବିଲାଇଜର ଶୁଭରାଜ ମିଶ୍ର, ପ୍ରତ୍ୟୁଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ମାନସ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

### ସାମୁଦ୍ରିକ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା



କର୍ମଶାଳାରେ କୋଷ୍ଟଗାର୍ଡର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

ପାରାଦୀପ,୨୮।୬(ସ୍ୱ.ପ୍ର.)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ଓଡ଼ିଶା ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ସାମୁଦ୍ରିକ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ନୌସେନା, ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ମତ୍ସ୍ୟ ବିଭାଗ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସମୁଦ୍ରରେ ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ଘଟଣା ଆଦିର ସମ୍ମୁଖୀନ ହେବାକୁ ପଡିଥାଏ। ଏହାର ମୁକାବିଲା ପାଇଁ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଓସଡମା ଓ ଜିଲା ପ୍ରଶାସନ ମଧ ଏଥିରେ ସାମିଲ ହୋଇଥିଲେ। ସମୁଦ୍ରରେ ନାବିକ ଓ ମତ୍ସ୍ୟଜୀବୀମାନେ କିପରି ନିଜକୁ ସୁରକ୍ଷିତ ରଖିବେ ସେଥିପାଇଁ ସହଯୋଗ କରାଯିବ ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଥିଲା।

### ରଥଯାତ୍ରା ପ୍ରସ୍ତୁତି ବୈଠକ

ରାହାମା,୨୮।୬(ଡି.ଏନ୍.ଏ.)

ରାହାମା ଜଗନ୍ନାଥ ମଠରେ ହେବାକୁଥିବା ରଥଯାତ୍ରା ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରଥ କମିଟି ସଭାପତି ନିତ୍ୟାନନ୍ଦ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଠାକୁର ରାଜା ତଥା କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ତିର୍ତ୍ତୋଲ ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ରଥଯାତ୍ରା ପାଇଁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ସୁନାକର ବେହେରାଙ୍କ ଆହ୍ୱାନ କ୍ରମେ ଏହି ବୈଠକ ହୋଇଥିଲା। କାର୍ଯ୍ୟକାରୀ ସଭାପତି ରବିନାରାୟଣ ସାହୁ, ରାହାମା ବଣିକ ସଂଘ ସଭାପତି ଜଟାଧାରୀ ଦାସ, ରବୀନ୍ଦ୍ରନାଥ ପ୍ରଧାନ, ବ୍ରଜ କିଶୋର ମହାରାଜ ପ୍ରମୁଖ ଯୋଗ ଦେଇଥିଲେ।

---

### ବିଦ୍ୟାଳୟ ପରିସରରେ ମଦ୍ୟପଙ୍କ ଆଡ୍ଡା

ତିର୍ତ୍ତୋଲ,୨୮।୬(ଡି.ଏନ.ଏ.)



ବିଦ୍ୟାଳୟ ପରିସରରେ ମଦ ବୋତଲ।

ଜଗତ୍‌ସିଂହପୁର ଜିଲାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାତର ତିରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏବେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟ ଛୁଟି ପରେ ମଦ୍ୟପମାନେ ଏହା ପରିସରେ ଖଟି ଜମାଉଛନ୍ତି। ଏଥିସହ ମଦ ପିଇ ବୋତଲ ପକାଇ ଚାଲିଯାଉଛନ୍ତି। ପ୍ରକାଶ ଯେ, ୧୯୫୦ରେ ସ୍ଥାପିତ ଏହି ବିଦ୍ୟାଳୟର ବେଶ୍ ସୁନାମ ରହିଛି। ଅଥଚ ଏବେ ବିଦ୍ୟାଳୟର ଶୈକ୍ଷିକ ପରିବେଶ ନଷ୍ଟ ହେବାରେ ଲାଗିଛି। ବିଦ୍ୟାଳୟ ମୁଖ୍ୟ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ବହୁ ମଦ ବୋତଲ ଜମାହୋଇ ପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର କୌଣସି ପ୍ରତିକାର କରିପାରୁନାହାନ୍ତି। ଅସାମାଜିକ ଯୁବକମାନଙ୍କ ଏଭଳି କାର୍ଯ୍ୟ ବିଦ୍ୟାଳୟ ପରିବେଶ ଖରାପ କରିବା ସହ ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପକାଉଛି। ତେଣୁ ବିଦ୍ୟାଳୟ ପରିସରକୁ ମଦ୍ୟପଙ୍କ ପ୍ରବେଶ ବନ୍ଦ କରିବା ସହ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ଶୋରଣିଆଙ୍କୁ ପଚାରିବାରୁ ସେ କହିଲେ ଯେ, ବିଦ୍ୟାଳୟରେ ରାତି ଜଗୁଆଳି ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ରାସ୍ତା ପାଖରେ ସ୍କୁଲ ରହିଥିବାରୁ ମଦ୍ୟପମାନେ ମଦ ପିଇ ସ୍କୁଲ ହତା ଭିତରକୁ ବୋତଲ ଫିଙ୍ଗି ଦେଉଛନ୍ତି। ଖରାଛୁଟିରେ ସ୍କୁଲ ବନ୍ଦ ଥିବାରୁ ଏପରି ସମସ୍ୟା ଅଧିକ ଦେଖାଦେଇଥିଲା। ସ୍କୁଲ ପରିସରର କେତେକ ସ୍ଥାନରୁ ମଦ ବୋତଲ କଢାଯାଇଛି। ଏହି ସମସ୍ୟା ଉପରେ ଆଲୋଚନା ପାଇଁ ଆସନ୍ତା ସୋମବାର ବିଦ୍ୟାଳୟ ପିଟିଏ କମିଟି ବୈଠକ ଡକାଯାଇଥିବା ସେ କହିଛନ୍ତି।

## ବର୍ଷା ଅଭାବରୁ ଆଗେଇପାରୁନି ଚାଷ

ନାଉଗାଁ,୨୮।୬(ସ୍ୱ.ପ୍ର.)



ଚାଷ ଜମିରେ ଗୋରୁ ଚରୁଛନ୍ତି।

- ତଳିଘେରା ପ୍ରସ୍ତୁତ କରିପାରୁନାହାନ୍ତି ଚାଷୀ
- ଜଳସେଚନ ସୁବିଧା ନ ଥିବାରୁ ଅସନ୍ତୋଷ

ନାଉଗାଁ ବ୍ଲକରେ ସାଧାରଣତଃ ବର୍ଷା ଉପରେ ନିର୍ଭର କରି ଚାଷୀ ଧାନ ଚାଷ କରିଥାନ୍ତି। ଚଳିତବର୍ଷ ଏ ପର୍ଯ୍ୟନ୍ତ ଆଶାନୁରୂପ ବର୍ଷା ହୋଇନାହିଁ। ତେଣୁ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷ କାର୍ଯ୍ୟରେ ବାଧା ଉପୁଜିବାର ଆଶଙ୍କା ଦେଖାଦେଇଛି। ଆଷାଢ ମାସ ଅଧା ହୋଇଥିଲେ ମଧ ଚାଷ ପାଇଁ ଜମିରେ ଆବଶ୍ୟକ ପାଣି ହୋଇନାହିଁ। ଏହି ବ୍ଲକର ଚାଷୀମାନେ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରି ଚାଷ କରୁଥିବାରୁ ଅଧିକ ବର୍ଷା ହେଲେ ବନ୍ୟା ଓ ସ୍ୱଳ୍ପ ବୃଷ୍ଟି ହେଲେ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି। ବ୍ଲକରେ ମୋଟ ୯ ହଜାର ୭୫ ହେକ୍ଟର ଚାଷ ଉପଯୋଗୀ ଜମି ଥିବାବେଳେ ମାତ୍ର ୨୫ ପ୍ରତିଶତ ଜମିରେ ଜଳସେଚନ ସୁବିଧା ରହିଛି। ବ୍ଲକର ୧୬ ପଞ୍ଚାୟତ ପଞ୍ଚାୟତ ମଧ୍ୟରୁ ତିରୁଣା, ଡାବର, ଡେରିକି, ଓଷକଣା, କୋରୁଅ, ଜାମୁଗାଁ, ବାଂଶ ଆଦି ପଞ୍ଚାୟତରେ ଅକ୍ଷୟ ତୃତୀୟା ପରଠାରୁ ସାବିତ୍ରୀ ଅମାବାସ୍ୟା ମଧ୍ୟରେ ଚାଷୀ ଧାନ ବୁଣା ବୁଣି କରିଥାନ୍ତି।

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁ ଧାନ ବୁଣାରେ ବାଧା ଉପୁଜିଛି। ସେହିପରି ଅନ୍ୟ ପଞ୍ଚାୟତ ଘୋଡାଂଶ, ନାଉଗାଁ, ରୋହିଆ, ବଛାଳୋ, ଅଲଣା, ଗଜରାଜପୁର, ନୂଆଗାଁ, ଗଳଧାରି ଆଦି ପଞ୍ଚାୟତରେ ଜମି ଖାଲିଆ ହୋଇଥିବାରୁ ଚାଷୀ ଧାନ ରୋଇଥାନ୍ତି। କିନ୍ତୁ ବର୍ଷା ଅଭାବରୁ ଧାନ ତଳି ପକାଯାଇପାରୁନାହିଁ। ତେଣୁ ଚାଷ କାର୍ଯ୍ୟ ପଛାଇବାରେ ଲାଗିଛି। ଏହି ବ୍ଲକକୁ ବାଲିକୁଦା ଜଳସେଚନ ଡିଭିଜନ ଅଧୀନରେ ଥିବା ୧୬ ନମ୍ବର କେନାଲ ଯୋଗେ ପାଣି ଆସିଥାଏ। ଏହି କେନାଲ ଅଲଣା ପଞ୍ଚାୟତ ମୁଣ୍ଡାଳଠାରୁ ୨ ଭାଗରେ ବିଭକ୍ତ ହୋଇଛି। ଏହାର ଗୋଟିଏ ଶାଖା ଜାମୁଗାଁ ଆଡକୁ ଯାଇଥିବାବେଳେ ଅନ୍ୟଟି ଘୋଡ଼ାଂଶ ପର୍ଯ୍ୟନ୍ତ ଆସିଛି। ସେହିପରି ଆଳିପିଙ୍ଗଳ ଜଳସେଚନ ଡିଭିଜନ ଅଧୀନରେ ଦେବୀନଦୀ କୂଳରେ ଆସିଥିବା କେନାଲ ନୂଆଗାଁ ପଞ୍ଚାୟତର ସରିଆ ବରପାଟଣା, ତୋଟାପାଟଣା ଦେଇ ଛତିଆନା ପର୍ଯ୍ୟନ୍ତ ଲମ୍ବିଛି। ଗୋପାଳପୁର ଦେଇ ଆସିଥିବା କେନାଲ ମୁଗେଇ ପର୍ଯ୍ୟନ୍ତ ଆସିଛି। ଏସବୁ କେନାଲରେ ଅଧିକାଂଶ ସମୟ ପାଣି ଆସୁ ନ ଥିବାରୁ କେବଳ ନାମକୁ ମାତ୍ର କେନାଲ ଥିବା ଚାଷୀମାନେ କହିଛନ୍ତି। ଜଳସେଚନ ସୁବିଧା ଥିଲେ ହୁଏତ ସେମାନେ ଚାଷ କାର୍ଯ୍ୟ ଆଗେଇ ନିଅନ୍ତେ ବୋଲି ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ କହିଛନ୍ତି ଯେ, ଜୁଲାଇ ମାସରେ ବର୍ଷା ହେଲେ ଚାଷୀ ଧାନ ତଳି ପ୍ରସ୍ତୁତ କରିପାରିବେ। ଯେହେତୁ ଏହି ବ୍ଲକର ଅଧିକାଂଶ ଚାଷଜମି ଖାଲୁଆ କିସମ, ତେଣୁ ଚାଷ କାର୍ଯ୍ୟରେ ବାଧା ଉପୁଜିବ ନାହିଁ।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।

-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବନ୍ଦ ହେବାକୁ ଯାଉଛି ୩ ପ୍ରାଥମିକ ବିଦ୍ୟାଳୟ

ଚଣ୍ଡିଖୋଲ,୨୮।୬(ଡି.ଏନ.ଏ.)- ୧୦ ଜଣରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଯାଜପୁର ଜିଲାର ବଡ଼ଚଣା ବ୍ଲକର ୩ ପ୍ରାଥମିକ ବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ଠାରୁ ବନ୍ଦ ହେବାକୁ ଯାଉଛି। ବାଲିକୁଦା ପଞ୍ଚାୟତର ବଡ଼ବାଲିକୁଦା ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ ଓ ବନ୍ତଲା ପଞ୍ଚାୟତର ଉବୁକା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଏବଂ କଇ ପୋଖରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବ ବୋଲି ବ୍ଲକ ଶିକ୍ଷାଧିକାରୀଣୀ ସସ୍ମିତା ସାହୁଙ୍କଠାରୁ ସୂଚନା ମିଳିଛି। ତଥ୍ୟ ଅନୁଯାୟୀ ବଡ଼ବାଲିକୁଦା ହରିଜନ ସାହି ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୩ ଜଣ ପିଲା ଥିଲାବେଳେ ଅନ୍ୟ ୨ ସ୍କୁଲରେ ଯଥାକ୍ରମେ ୬ ଓ ୭ଜଣ ପିଲା ଥିବା ଜଣାପଡ଼ିଛି।

### ବରୁଣେଶ୍ୱର ପୀଠରେ ହନୁମାନ ବିଗ୍ରହ ପ୍ରତିଷ୍ଠା

ବିଞ୍ଝାରପୁର,୨୮।୬(ଡି.ଏନ.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରସିଦ୍ଧ ଶୈବକ୍ଷେତ୍ର ବରୁଣେଶ୍ୱର ପୀଠରେ ଶୁକ୍ରବାର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ବରୁଣେଶ୍ୱର ମନ୍ଦିରକୁ ସଂଲଗ୍ନ କରାଯାଇ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ, ହନୁମାନ ଚାଳିଶା ପଠନ, ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଅରେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ମମତା ସାମଲ ଓ ତାଙ୍କ ସ୍ୱାମୀ ହେମେନ୍ଦ୍ର ସାମଲ କର୍ତ୍ତାଭାବେ ଯଜ୍ଞ ସମ୍ପାଦନ କରିଥିଲେ। ପବିତ୍ର କୁଷଭଦ୍ରା ନଦୀରୁ ଜଳ ସଂଗ୍ରହ କରାଯାଇ ଯଜ୍ଞ ଉତ୍ସବ ଓ ବିଗ୍ରହ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ମହାବୀର ହନୁମାନଙ୍କ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ମୁରବି ଗୋବିନ୍ଦ ଚନ୍ଦ୍ର ପରିଡା, ରବୀନ୍ଦ୍ର କୁମାର ପରିଡା, ପ୍ରଫୁଲ୍ଲ କୁମାର ନାୟକ, ରବୀନ୍ଦ୍ର ପଣ୍ଡା, ଦେବେନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା, ନରେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପଣ୍ଡା, ନୃସିଂହ ପଣ୍ଡା, ସରୋଜ ସାମଲ, ସୁଧୀର ପରିଡା, ବନମାଳି ବରାଳ, ବିଜୟ ପରିଡା, କାମଦେବ ଧଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଷ୍ଟେଟ୍‌ବ୍ୟାଙ୍କରେ କର୍ମଚାରୀ ଅଭାବ, କାମ ବାଧାପ୍ରାପ୍ତ

ସିଂହପୁର,୮।୬(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ ଥିବା ଷ୍ଟେଟ୍ ବ୍ୟାଙ୍କରେ କର୍ମଚାରୀ ଅଭାବରୁ ଅଚଳାବସ୍ଥା ଦେଖାଦେଇଛି। ଫଳରେ ଗ୍ରାହକ ସେବା ଦିନକୁଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ସିଂହପୁର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଓ ଏହି ବ୍ୟାଙ୍କ ଉପରେ ଆଖପାଖ ୩୦ ଗ୍ରାମର ଲୋକେ ନିର୍ଭର କରନ୍ତି। ପ୍ରକାଶ ଯେ, ୨୦୧୧ରୁ ଆରମ୍ଭ ହୋଇଥିବା ଷ୍ଟେଟବ୍ୟାଙ୍କ ଲୋକଙ୍କୁ ଉତ୍ତମ ସେବା ଯୋଗାଇବ ବୋଲି ଆଶା ଥିବାବେଳେ ଏବେ ଗ୍ରାହକ ଠିକ୍‌ଭାବେ ସେବା ପାଉ ନ ଥିବା ଅଭିଯୋଗ ହୋଇଛି। ବ୍ୟାଙ୍କରେ କର୍ମଚାରୀ ଅଭାବରୁ କେବଳ ଜମା ଓ ଉଠାଣ ବ୍ୟତୀତ ଅନ୍ୟସବୁ କାର୍ଯ୍ୟ ଠପ ହୋଇଗଲାଣି। ବ୍ୟାଙ୍କର ବହି, ପ୍ରିଣ୍ଟ ଓ ଟଙ୍କା ଜମା ମେଶିନ ସମେତ ବିଭିନ୍ନ ମେଶିନ ଅଚଳ ହୋଇପଡିଛି। ଏହି ସବୁ କାର୍ଯ୍ୟ ପାଇଁ ଧାଡିରେ ଠିଆ ହାଇ ଘଣ୍ଟଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଶାଖା ପରିଚାଳକଙ୍କ ସମେତ ଜଣେ କ୍ଲର୍କ ଓ ଆକାଉଣ୍ଟାଣ୍ଟଙ୍କୁ ନେଇ ବ୍ୟାଙ୍କ ଚାଲୁଛି। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଦେଖାଦେଉଥିବା ଅସନ୍ତୋଷ ଆନ୍ଦୋଳନର ରୁପ ନେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ବାଇକ୍ ଡିକି ଭାଙ୍ଗି ଲୁଟ୍

ବିଞ୍ଝାରପୁର,୨୮।୬(ଡି.ଏନ.ଏ.)- ବିଞ୍ଝାରପୁର ମେଡିକାଲ ଛକରେ ଶୁକ୍ରବାର କେହି ଦୁର୍ବୃତ୍ତ ବାଇକ୍ ଡିକି ଭାଙ୍ଗି ଲୁଟ୍ କରିଛନ୍ତି। ଏ ନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, କପିଳା ପଞ୍ଚାୟତ ଗୁହାଳୀ ଗ୍ରାମର ଉଚ୍ଛବ ମଲିକ ପୂର୍ବାହ୍ନରେ କୌଣସି କାମରେ ଆସି ବିଞ୍ଝାରପୁର ମେଡିକାଲ ଛକରେ ବାଇକ୍ ରଖିଥିଲେ। କିଛି ସମୟ ପରେ କାମସାରି ଗାଡି ପାଖରେ ପହଞ୍ଚି ଦେଖିଲେ ଡିକି ଭଙ୍ଗା ହୋଇଛି। କେହି ଦୁର୍ବୃତ୍ତ ଡିକି ଭାଙ୍ଗି ବ୍ୟାଗ୍, ସେଥିରେ ଥିବା ଏଟିଏମ କାର୍ଡ, ଜମିର କବଲା, କିଛି ଟଙ୍କା ଓ ଜରୁରୀ କାଗଜପତ୍ର ନେଇଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ଝାଡୁଦାର କରୁଛନ୍ତି ରକ୍ତ ସଂଗ୍ରହ, ପରୀକ୍ଷା

**ଯାଜପୁରରୋଡ଼ ରକ୍ତଭଣ୍ଡାର**

- ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ
- ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି ମହଜୁଦ ରକ୍ତ



ଯାଜପୁର ଅଫିସ,୨୮।୬

ଯାଜପୁର ଜିଲାର ଅନ୍ୟତମ ବ୍ୟସ୍ତବହୁଳ ଚିକିତ୍ସାଳୟ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଅନିୟମିତତା ପିଛା ଛାଡୁନି। ଶିଳ୍ପ ସମୃଦ୍ଧ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ବହୁ ଗୁରୁତ୍ୱ ଦିଆଯାଉଛି ବୋଲି ସରକାର ଡିଣ୍ଡିମ ପିଟୁଥିବାବେଳେ ଏଠାରେ ତାହାର ଓଲଟା ହେଉଛି। ଯାଜପୁରରୋଡ ସିଏଚ୍‌ସି ରକ୍ତ ଭଣ୍ଡାରରେ ମନମାନି ଓ କାର୍ଯ୍ୟରେ ଅବହେଳା ସ୍ୱାସ୍ଥ୍ୟସେବାକୁ ଅଧିକ ଜଟିଳ କରିବା ସହିତ ରକ୍ତଦାତାଙ୍କ ଜୀବନ ପ୍ରତି ବିପଦ ଦେଖାଦେଉଥିବା ଅଭିଯୋଗ ହୋଇଛି। ବିଡ଼ମ୍ବନା ଯେ, ତାଲିମପ୍ରାପ୍ତ ବୈଷୟିକ ଡିଗ୍ରୀଧାରୀ କର୍ମଚାରୀଙ୍କ ବଦଳରେ ଜଣେ ଝାଡୁଦାର ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ଏହି ମର୍ମରେ ରକ୍ତଦାତା ଜୀବନଦାତା ପରିବାର ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଯାଜପୁରରୋଡ ରକ୍ତ ଭଣ୍ଡାର କର୍ମଚାରୀମାନେ ଅସାଧୁ ଉପାୟ ଅବଲମ୍ବନ କରି ରୋଗୀଙ୍କୁ ଶୋଷଣ କରୁଛନ୍ତି। ବେସରକାରୀ ଚିକିତ୍ସାଳୟରୁ ଆସୁଥିବା ଆବଶ୍ୟକତାକୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ମହଜୁଦ ରକ୍ତ ପ୍ୟାକେଟକୁ ବିକ୍ରି କରି ଲାଭବାନ ହେଉଛନ୍ତି। ଫଳରେ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କୁ ରକ୍ତର ଆବଶ୍ୟକତା ପଡିଲେ ଠିକ ସମୟରେ ମିଳି ପାରୁନାହିଁ ରକ୍ତଦାତା ଆଣି ରକ୍ତ ନିଅ ବୋଲି ରକ୍ତଭଣ୍ଡାର କର୍ତ୍ତୃପକ୍ଷ ସିଧାସଳଖ କହୁଛନ୍ତି। ରକ୍ତଦାନ କରିବା ପରେ ରକ୍ତଦାତାଙ୍କ ପାଇଁ ୫୦ ଟଙ୍କାର ଜଳପାନର ବ୍ୟବସ୍ଥା ରହିଛି। ହେଲେ ୨୦ ଟଙ୍କାର ଯେନତେନ ଜଳପାନ ଦେଇ ବଳକା ଅର୍ଥ ବାଟମାରଣା କରାଯାଉଛି। ରକ୍ତ ଭଣ୍ଡାରରେ ବୈଷୟିକ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିଲେ ହେଁ ସେ ନିୟମିତ ଭାବେ ଦାୟିତ୍ୱ ସମ୍ପାଦନ କରୁନାହାନ୍ତି। ଫଳରେ ରକ୍ତ ଭଣ୍ଡାରରେ ଜଣେ ସୁଇପର ରକ୍ତଦାତାଙ୍କ ପଞ୍ଜୀକରଣଠାରୁ ଆରମ୍ଭ କରି ନମୁନା ପରୀକ୍ଷା ଏବଂ ରକ୍ତ ସଂଗ୍ରହ ମଧ୍ୟ କରିଥାନ୍ତି । ସେ ତାଲିମପ୍ରାପ୍ତ ହୋଇ ନ ଥିବାରୁ ବେଳେବେଳେ ରକ୍ତଦାତାଙ୍କ ଶିରାପ୍ରଶିରା ଠିକ ଭାବେ ଚିହ୍ନଟ କରି ନ ପାରି ଏଣେତେଣେ ଛୁଞ୍ଚି ଲଗାଉଥିବା ଦେଖିବାକୁ ମିଳିଛି । ଏଥିରେ ରକ୍ତଦାତା ଅଧିକ କଷ୍ଟ ପାଇବା ସହିତ ଜୀବନ ପ୍ରତି ବିପଦ ଦେଖାଦେଇଛି। ରକ୍ତ ସଂଗ୍ରହ ସମୟ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଛି । ଜରୁରୀକାଳୀନ ରୋଗୀଙ୍କ ପାଇଁ ୨୪ଘଣ୍ଟା ସେବା ଯୋଗାଇବାର ମଧ୍ୟ ବ୍ୟବସ୍ଥା ରହିଛି। କିନ୍ତୁ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ହେଉଛି। ଅପରାହ୍ନ ୫ଟା ପରେ ରକ୍ତଭଣ୍ଡାରରେ ତାଲା ପଡୁଥିବା ଦେଖିବାକୁ ମିଳୁଛି ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି । ଶୁକ୍ରବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ବେଡ ନମ୍ବର ୮ରେ ଚିକିତ୍ସିତ ହେଉଥିବା ରୋଗୀ କାଳନ୍ଦୀ ପାତ୍ର ଓ ବେଡ ନମ୍ବର ୨୧ରେ ଚିକିତ୍ସିତ ହେଉଥିବା ମିନୁ ମଲ୍ଲିକଙ୍କୁ ରକ୍ତର ଆବଶ୍ୟକତା ରହିଥିଲା । ଶୁକ୍ରବାର ରାତି ସାଢେ ୭ଟାରେ ଦୁଇଜଣ ରକ୍ତଦାତା ସେମାନଙ୍କ ପାଇଁ ରକ୍ତଦାନ କରିବାକୁ ରକ୍ତ ଭଣ୍ଡାରେ ଉପସ୍ଥିତ ରହିଥିଲେ। କିନ୍ତୁ ରକ୍ତଭଣ୍ଡାରରେ ତାଲା ପଡିଥିବାରୁ ଚିକିତ୍ସିତ ଦୁଇ ଜଣ ରୋଗୀ ରକ୍ତ ପାଇ ନ ଥିଲେ । ଏନେଇ ପରିବାର ଲୋକେ ଓ ରକ୍ତଦାତା ପରିବାର ଅନୁଷ୍ଠାନ ପକ୍ଷରୁ ଲାବୋରୋଟୋରୀ ଟେକ୍ନିସିଆନଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ ରାତିରେ ରୋଗୀଙ୍କୁ ରକ୍ତ ଦିଆଯାଏ ନାହିଁ ବୋଲି କହି ଏଡାଇ ଯାଇଥିଲେ। ବିଭିନ୍ନ କାରଣରୁ ରୋଗୀଙ୍କୁ ରାତିରେ ରକ୍ତ ଦିଆଯାଏ ନାହିଁ ସତ, କିନ୍ତୁ ରକ୍ତ ସଂଗ୍ରହ କରି ପରଦିନ ସକାଳୁ ରକ୍ତ ଦିଆଯାଇ ପାରିଥାନ୍ତା ବୋଲି ରକ୍ତଦାତା ପରିବାର ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଏଭଳି ଭାବେ ରକ୍ତ ଭଣ୍ଡାରରେ ଅନେକ ଅନୀୟମିତତା ହେଉଥିଲେ ହେଁ କୌଣସି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ସଂକ୍ରାନ୍ତରେ ସିଏଚ୍‌ସିର ଭାରପ୍ରାପ୍ତ ମେଡିକାଲ ଅଫିସର ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରେ, ରକ୍ତଭଣ୍ଡାରରେ ସୁଇପରଙ୍କୁ ରକ୍ତ ସଂଗ୍ରହ ପାଇଁ ମନା କରି ଦିଆଯାଇଛି। ଏହାବାଦ ରକ୍ତଭଣ୍ଡାରରେ କୌଣସି ଅନିୟମିତା ହେଉନାହିଁ ବୋଲି ସେ କହିଛନ୍ତି। ତେବେ ଏହି ଅନୀୟମିତତା ସମ୍ପର୍କରେ କୌଣସି ତଦନ୍ତ ନ କରାଗଲେ କିମ୍ବା କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ରକ୍ତଦାତା, ଜୀବନଦାତା ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### କ୍ରୋମାଇଟ ପରିବହନରେ ଅବ୍ୟବସ୍ଥାକୁ ନେଇ ଥାନାରେ ଅଭିଯୋଗ

କାଳିଆପାଣି,୨୮।୬(ଡି.ଏନ୍.ଏ.)

ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଉଲ୍ଲଘଂନ ପ୍ରତିବାଦରେ ଶୁକ୍ରବାର କୁହିକା ଟ୍ରକ୍ ମାଲିକ ସଂଘ କାଳିଆପାଣି ଥାନାରେ ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ ସମାଧାନ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଟ୍ରକ୍ ମାଲିକଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଅପରପକ୍ଷେ ଏ ଦିଗରେ ସମାଧାନ ହୋଇ ନ ପାରିଲେ ଶନିବାର କୁହିକାସ୍ଥିତ ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ପକ୍ଷରୁ କ୍ରୋମାଇଟ ପରିବହନରେ ଅସହଯୋଗ କରଯିବ। ଏଥିସହ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାଧାରଣ ସମ୍ପାଦକ ଅରୁଣ କୁମାର ପରିଡ଼ା କହିଛନ୍ତି। ଚଳିତ ମାସ ୨୧ ତାରିଖରେ କାଳିଆପାଣି ଥାନା ପରସରରେ କ୍ରୋମାଇଟ ପରିବହନରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ କଡ଼ାକଡିଭାବେ ପାଳନ କରିବାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ବୈଠକରେ ଏକ ତରଫାଭାବେ ନିଷ୍ପତ୍ତି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ବିରୋଧକରି ୨୨ ତାରିଖରେ କୁହିକା ଅଞ୍ଚଳର ଟ୍ରକ୍ ମାଲିକମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ଓ ଖଣି ପ୍ରଭାବିତ ଟ୍ରକ୍‌ମାଲିକ ସଂଘ ପକ୍ଷରୁ କୁହିକା ଅଞ୍ଚଳର ଟ୍ରକ୍‌ଗୁଡିକୁ ଗୁରୁବାରଠାରୁ ଖଣିରେ ଲୋଡିଂ ପାଇଁ ସୁଯୋଗ ଦିଆଯାଇ ନ ଥିବା କୁହିକା ମାଲିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି।

## ଭୂମି ସୁରକ୍ଷା ସମିତି ପକ୍ଷରୁ ଉପନିବନ୍ଧକଙ୍କୁ ଦାବିପତ୍ର

ଯାଜପୁର ରୋଡ,୨୮।୬(ନି.ପ୍ର.)

ବ୍ୟାସନଗର ତହସିଲ ଅଧୀନରେ ଥିବା ବିଭିନ୍ନ ରାଜସ୍ୱ ମୌଜାରେ ଅଦ୍ୟାବଧି ଫାଇନାଲ୍ ପଟ୍ଟା ପ୍ରଦାନରେ ବିଳମ୍ୱ ଯୋଗୁ ଡୋଲିପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି କିଣାବିକାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏପରିକି ଚୋରଦା, ଉମାପଦା, ଚାନ୍ଦମା, ରମ୍ଭାସ, ପଦ୍ମପୁର ଓ ମୁଣ୍ଡମାଳ ପ୍ରଭୃତି ରାଜସ୍ୱ ମୌଜାରେ ଶହ ଶହ ବର୍ଷର ଘରବାଡ଼ି ସମ୍ପତ୍ତି ଥିଲେ ମଧ୍ୟ ରାଜସ୍ୱ ବିଭାଗର ଅବହେଳା ଯୋଗୁ ପାଉତି କାଟିବା ବନ୍ଦ ହୋଇ ସରକାର ରାଜସ୍ୱ ହରାଉଛନ୍ତି। ଫଳରେ ଲୋକେ ଝିଅ ବାହାଘର କିମ୍ବା ରୋଗବ୍ୟାଧି ଭଳି ସମସ୍ୟାରେ ନଟ୍ ଫାଇନାଲ୍ ସ୍ଥିତିରେ ସମ୍ପତ୍ତି ବିକ୍ରି କରି ନ ପାରି ହନ୍ତସନ୍ତ ହେଉଛନ୍ତି। ଡୋଲିପୁରର ଉପନିବନ୍ଧକ ଭୋଳାନାଥ ବେହେରା ନଟ୍ ଫାଇନାଲ ମୌଜା ସ୍ଥିତି ଜମିକୁ ୪ ମାସ ଧରି ଅସିଦ୍ଧ ଘୋଷଣା କରିଥିବାରୁ ବ୍ୟାସନଗର ଭୂମି ସୁରକ୍ଷା ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। ସମିତି ସଭାପତି ବିଦ୍ୟାଧର ମହାନ୍ତି, ବ୍ୟାସନଗର ବଣିକ ସଂଘ ସମ୍ପାଦକ ଅସିତାନନ୍ଦ ବିଶ୍ୱାଳ, ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ଚନ୍ଦ୍ରମଣି ସାମଲ, ଗଦାଧର ମହାନ୍ତି, ଜଗନ୍ନାଥ ପତି, ଶ୍ରମିକ ନେତା ପରମାନନ୍ଦ ସେଠୀ, ମହେଶ୍ୱର ବେହେରା ଓ ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଦାବିପତ୍ର ପ୍ରଦାନରେ ସାମିଲ ଥିଲେ। ଜିଲା ଉପନିବନ୍ଧକ ଏ ନେଇ ଅତିରିକ୍ତ ଜଲାପାଳ, ଯାଜପୁର, ବ୍ୟାସନଗର ତହସିଲଦାର ଓ ଆରକ୍ଷୀ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଦି ଏଭଳି ଭୁଲ ପଦକ୍ଷେପକୁ ପ୍ରତ୍ୟାହାର କରା ନ ଯାଏ ବ୍ୟାସନଗର ଭୂମି ସୁରକ୍ଷା ସମିତି ପକ୍ଷରୁ ଡୋଲିପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଦିଆଯିବାକୁ ସମିତି ସଭାପତି ମହାନ୍ତି କହିଛନ୍ତି।

### ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

କାଳିଆପାଣି, ୨୮।୬(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅତା ପଞ୍ଚାୟତ ରାଜଗୋଲା ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଶତାଧିକ ଗ୍ରାମବାସୀ ସୁକିନ୍ଦା ବିଡିଓଙ୍କୁ ଭେଟି ଗ୍ରାମରେ ଶୁଦ୍ଧପାନୀୟ ଜଳ ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଓ ବିଶ୍ୱଜିତ୍ ଦାସ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ପ୍ରକାଶ ଯେ, ଅତା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଦୂଷିତ ପାଣି ପିଇ ଗତ ୫ବର୍ଷ ମଧ୍ୟରେ କିଡ୍‌ନୀ ରୋଗରେ ୨୫ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ବରଣ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଅତା ପଞ୍ଚାୟତର ରାଜଗୋଲା ଗ୍ରାମରେ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୨୦୧୫/୧୬ରେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଗଭୀର ନଳକୂପ ନିର୍ମାଣ କରିଥିଲେ। ୨୦୧୮ରେ ପୁନଃ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାଇପ୍ ଯୋଗ ପାନୀୟ ଜଳ ଯୋଗାଣ କରାଯାଇଥିଲା। ମାତ୍ର ଚଳିତ ସାଧାରଣ ନିର୍ବାଚନର ଭୋଟ ଗଣତି ପରେ ଗ୍ରାମର କେତେଜଣ କୁଜିନେତା ଏକ ନିର୍ଦ୍ଦିଷ୍ଟ ଦଳକୁ କାହିଁକି ଭୋଟ ଦେଇ ନ ଥିବାରୁ ପ୍ରକଳ୍ପ ଘରେ ତାଲା ପକାଇ ପାନୀୟ ଜଳ ଯୋଗାଣ ବନ୍ଦ କରି ଦେଇଥିଲେ। ତେଣୁ ଗ୍ରାମବାସୀ ସ୍ଥାନୀୟ ଜଣେ ବ୍ୟକ୍ତି ବିଶେଷଙ୍କ କୂଅରୁ ଟଙ୍କା ଦେଇ ପାଣି ଆଣୁଥିବା କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବି. ଶତପଥୀଙ୍କୁ ପଚାରିବାରୁ, ଏକ ସପ୍ତାହ ମଧ୍ୟରେ ଘଟଣାର ସମାଧାନ ପାଇଁ ବ୍ୟବସ୍ଥା କରିବେ ବୋଲି କହିଥିଲେ।

### ଖୁଣ୍ଟାପଶି ମଝିସାହି ଗ୍ରାମ ରାସ୍ତା
## ବିଧାୟକଙ୍କ ନାମଫଳକ ଭାଙ୍ଗିଲେ ଦୁର୍ବୃତ୍ତ



ଭଙ୍ଗାଯାଇଥିବା ନାମଫଳକ ।

କାଳିଆପାଣି, ୨୮।୬(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଆରଡ଼ି ରାସ୍ତାଠାରୁ ଖୁଣ୍ଟାପଶି ମଝିସାହି ଗ୍ରାମ ରାସ୍ତାରେ ଲଗାଯାଇଥିବା ନାମ ଫଳକକୁ ଶୁକ୍ରବାର ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏହି ରାସ୍ତାକୁ କଂକ୍ରୀଟକରଣ ପାଇଁ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ବିଧାୟକ ପ୍ରୀତୀରଞ୍ଜନ ଘଡ଼ାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଠିକାଦାର ରାସ୍ତା କମାରେ ମେଟାଲିଂ, ମୋରମ କିମ୍ବା ଜିଏସ୍‌ବି, ରୋଲିଂ ନ କରି ରାତିଅଧିଆ ମାଟି ରାସ୍ତା ଉପରେ ପିଚୁଢାଳି କାମ କରିଥିଲେ। କଂକ୍ରୀଟ ରାସ୍ତା ବଦଳରେ ପିଚୁ ରାସ୍ତା କରାଯିବା ନେଇ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ଲୁଚାଇବାରୁ ଯାଇ ଦୁର୍ବୃତ୍ତମାନେ ବିଧାୟକଙ୍କ ଫଳକକୁ ଭାଙ୍ଗିଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ଉକ୍ତ ରାସ୍ତା ନିକଟରେ ନିର୍ମାଣ ହେଉଥିବା ଆରଡ଼ି ରାସ୍ତାର କିଛି ବଳକା ଅଦରକାରୀ ପିଚୁ ମିଶା ଚିପ୍ସକୁ ସମ୍ପୃକ୍ତ ଠିକାଦାର ଉକ୍ତ ରାସ୍ତାରେ ଢାଳି କାମ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ପଞ୍ଚାୟତରେ ଦୀର୍ଘବର୍ଷ ଧରି ଏହିପରି ଅନେକ କାମ ଅନିୟମିତତା ଭାବେ ହୋଇଥିବା ରାସ୍ତା କାମର ଭିଜିଲାନ୍ସ ତଦନ୍ତ ନେଇ ସାଧାରଣରେ ଦାବ ହୋଇଛି । ଏ ନେଇ ବିଭାଗୀୟ ଯନ୍ତ୍ରୀ ବାଘରାଇ ମାଝିଙ୍କୁ ଯୋଗାଯୋଗ କରିବାରୁ, ଏ ବାବଦରେ ତାଙ୍କ ନିକଟରେ ଖବର ରହିଛି। ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ଚୋରା କାଠ ଜବତ କଲା ବନ ବିଭାଗ

ଯାଜପୁରରୋଡ,୨୮।୬(ନି.ପ୍ର.)

ଯାଜପୁରରୋଡ ଚୋରଦା ବାଇପାସ୍ ଛକ ନିକଟରୁ ଶୁକ୍ରବାର ବନ ବିଭାଗ ଚୋରା କାଠ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏକ ଟାଟାଏସି (ନଂ.ଓଆର୦୪-ଜି୩୮୬୫)ରେ ୧୭ ଶିଫ୍ଟ କାଠ ଭଦ୍ରକରୁ ଦାନଗଦୀ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ରେଞ୍ଜର ଦେବେନ୍ଦ୍ର କୁମାର ପଟ୍ଟନାୟକ ଚଢ଼ାଉ କରି ଗାଡ଼ି ସହ କାଠ ଜବତ କରିଥିଲେ। ହେଲେ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି। ଫରେଷ୍ଟର ବେଣୁ ବେହେରା, ନିର୍ମଳ ମଲ୍ଲିକ୍, ତ୍ରିଲୋଚନ ଦାସ, ଧନେଶ୍ୱର ଦାସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏ ସମ୍ପର୍କରେ ରେଞ୍ଜର ପଟ୍ଟନାୟକ କୁହନ୍ତି, କେନ୍ଦୁଝର ଓ ଭଦ୍ରକ ଅଞ୍ଚଳରୁ ବହୁ ଚୋରା ଗାଡି ଜବତ ହେଉଛି। ଅଫିସ୍‌ରେ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଚୋରା ଗାଡି ଧରିବାରେ ଅସୁବିଧା ହେଉଛି।



ଜବତ ହୋଇଥିବା କାଠ।

## ନାବାଳିକା ଅପହରଣ ଅଭିଯୋଗ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୮।୬(ଡି.ଏନ.ଏ/ସ୍ୱ.ପ୍ର.)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତର ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ତେବେ ଉକ୍ତ ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ମାଣ୍ଡୁକା ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ମହାନ୍ତିଙ୍କ ସହଯୋଗରେ ନାବାଳିକାଙ୍କ ବାପା ଓ ଦେହୁରି ସାହିସ୍ଥିତ ନାହାକାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ରୁ ଅଧିକ ମହିଳା ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣା ନେଇ ତତ୍ପରତା ପ୍ରକାଶ କରିଛି।

## ନିଆଁରେ ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ
### ଆତ୍ମହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଦଶରଥପୁର,୨୮।୬(ଡି.ଏନ.ଏ.)

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ସତ୍ୟବ୍ରତ ଜେନାଙ୍କ ଘରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ତାଙ୍କ ସ୍ତ୍ରୀ ପଦ୍ମିନୀଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ପଦ୍ମିନୀଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଦଶରଥପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ପଦ୍ମିନୀ ଘରେ ଥିବାବେଳେ ହଠାତ୍ ଛପର ଜଳିଉଠିଥିଲା। କ୍ଷଣକ ମଧ୍ୟରେ ନିଆଁ ଘରର ଚତୁଃପାର୍ଶ୍ୱକୁ ବ୍ୟାପିଯାଇଥିଲା। ପଦ୍ମିନୀ ଘରୁ ବାହାରୁ ଥିବାବେଳେ ନିଆଁରେ ପୋଡିହୋଇ ଗୁରୁତର ହୋଇଥିଲେ। ହେଲେ ଶାଶୁଘର ଲୋକେ ପଦ୍ମିନୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ପରିବାର ଲୋକେ କହିଛନ୍ତି। ନିର୍ଯାତନା ସହି ନ ପାରି ପଦ୍ମିନୀ ଆତ୍ମହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି।

## କାର୍ଯ୍ୟରେ ଯୋଗଦେଉନାହାନ୍ତି ୩ ସାଧନ କେନ୍ଦ୍ର ସଂଯୋଜକ

**ବରୀ ବ୍ଲକ**

- ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
- ଶିକ୍ଷାଧିକାରୀଙ୍କ ନିକଟରେ ନାହିଁ ପାଠ୍ୟପୁସ୍ତକର ରେକର୍ଡ

ବରୀ,୨୮।୬(ସ୍ୱ.ପ୍ର.)

ସରକାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଦ୍ୟମ କରାଯାଉଥିବାବେଳେ ବରୀ ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ ହେବାକୁ ଯାଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବରୀ ବ୍ଲକରେ ସାଧନ କେନ୍ଦ୍ର ସଂଯୋଜକ ପାଇଁ ୨୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପରୀକ୍ଷା ଦେଇଥିଲେ। ସେଥିରୁ ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପାସ୍ କଲା ପରେ ସାଧନ କେନ୍ଦ୍ର ସଂଯୋଜକ ଭାବେ ନିଯୁକ୍ତି ପାଇଲେ। ସେଥିରୁ ୩ ସଂଯୋଜକ ନିଜ ମନ ମୁତାବକ ସର୍କଲ ପାଇ ନ ଥିବାରୁ ନିର୍ଦ୍ଦେଶନାମାକୁ ଗ୍ରହଣ ନ କରି କାର୍ଯ୍ୟରେ ଯୋଗଦେଇ ନ ଥିବା ଜଣାପଡ଼ିଛି। ତେବେ ସରକାରୀ ନିୟମକୁ ଉଲ୍ଲଂଘନ କରିଥିବାରୁ ବ୍ଲକ ଶିକ୍ଷାଧିକାରୀ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି। କଳାମାଟିଆ, ଶେରପୁର, ଅଙ୍ଗାଳ ସାଧନ କେନ୍ଦ୍ର ପାଇଁ ନିଯୁକ୍ତି ପାଇଥିବା ୩ ଶିକ୍ଷୟିତ୍ରୀ ଶିକ୍ଷକ ନିର୍ଦ୍ଦେଶ ପତ୍ର ଗ୍ରହଣ କରିନାହାନ୍ତି। ଏହି ବ୍ଲକରେ ୨୦୫ ବିଦ୍ୟାଳୟ ଥିବାବେଳେ ୬୨୫ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କାର୍ଯ୍ୟଧାରାକୁ ତଦାରଖ କରିବା ପାଇଁ ସାଧନ କେନ୍ଦ୍ର ସଂଯୋଜକ ନିଯୁକ୍ତି ପାଇଥାନ୍ତି। ୧୦ ଜଣ ସାଧନ କେନ୍ଦ୍ର ସଂଯୋଜକ କାର୍ଯ୍ୟ କ୍ଷେତ୍ରରେ ଯୋଗଦେଇ ଥିଲାବେଳେ ସେଥିରେ ୨ ଜଣ ମହିଳା ଶିକ୍ଷୟିତ୍ରୀ ଥିବା ଜଣାପଡ଼ିଛି। ତେବେ ସାଧନ କେନ୍ଦ୍ର ସଂଯୋଜକ ନିଜ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରୁ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର କମ୍ପଗଡ଼ସ୍ଥିତ ଭୁବନେଶ୍ୱରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ୧୦୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲାବେଳେ ମଧ୍ୟାହ୍ନଭୋଜନରେ ୯୨ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିବା ବିଦ୍ୟାଳୟ ପକ୍ଷରୁ ରେକର୍ଡ କରାଯାଇଛି। ଅପରପକ୍ଷରେ ଶୁକ୍ରବାର ୨୫ରୁ ୩୦ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିବା ଦେଖିବାକୁ ମିଳିଛି। ମଧ୍ୟାହ୍ନଭୋଜନ ସମୟରେ ୨ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ପରିସ୍ଥିତିକୁ ଜଟିଳ କରିଦେଇଛି। ବିଦ୍ୟାଳୟରେ ଅଳିଆ ଆର୍ବଜନା ପରିପୂର୍ଣ୍ଣ ହୋଇଥିବାବେଳେ ଛାତ୍ରୀଛାତ୍ର ଏଣେତେଣେ ବସି ମଧ୍ୟାହ୍ନଭୋଜନ ଖାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ସାଧନ କେନ୍ଦ୍ର ସଂଯୋଜକ ମାନୁ ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଗଣା ପାଠ୍ୟ ପୁସ୍ତକ ୭୪ ହଜାର ଖଣ୍ଡ ଆସିଥିବା ବ୍ଲକ ଶିକ୍ଷାଧିକାରୀ କହୁଥିଲାବେଳେ ତାଙ୍କ ପାଖରେ କୌଣସି ରେକର୍ଡ ନ ଥିବା ସେ ସ୍ୱୀକାର କରିଛନ୍ତି। ତେବେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ନିତାନ୍ତ ଜରୁରୀ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ, ୧୩ ଜଣ ସଂଯୋଜକ ନିଯୁକ୍ତି ପାଇଛନ୍ତି। ସେଥିରୁ ୩ ଜଣ ନିର୍ଦ୍ଦେଶ ପତ୍ର ଗ୍ରହଣ କରିନାହାନ୍ତି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଭୁବନେଶ୍ୱରୀ ନୋଡାଲ୍ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ପୂର୍ତ୍ତିଙ୍କୁ ପଚାରିବାରୁ, ଏହି ବିଦ୍ୟାଳୟରେ ୧୦୬ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଶୁକ୍ରବାର ୯୨ ଜଣଙ୍କ ଉପସ୍ଥାନ ରେକର୍ଡ ରହିଥିଲାବେଳେ ୯୨ ମଧ୍ୟାହ୍ନଭୋଜନ ଖାଇଛନ୍ତି। ଜଣେ ଶିକ୍ଷୟିତ୍ରୀ ସାଧନ କେନ୍ଦ୍ର ସଂଯୋଜକ ଦାୟିତ୍ୱରେ ଅଛନ୍ତି। ଅନ୍ୟ ଜଣେ ଶିକ୍ଷକ ନିଜ କାମ ନେଇ ବାଲିଚନ୍ଦ୍ରପୁର ଅଞ୍ଚଳକୁ ଯାଇଥିବା କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ଶନିବାର, ଜୁନ୍ ୨୯/୨୦୧୯ | Bhubaneswar, Saturday, June 29/ 2019


# ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

**ବାଲିଗୁଡା,୨୮।୬(ସ୍ୱ.ପ୍ର.)**

ବାଲିଗୁଡା ବ୍ଲକ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ବିନୋଦ ମୁଦୁଲିଙ୍କ ସ୍ତ୍ରୀ ସଙ୍ଗୀତା ମୁଦୁଲି(୨୫)। ଶୋଇବା ଘର ପଙ୍ଖାରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ତାଙ୍କୁ ଯୌତୁକ ପାଇଁ ସ୍ୱାମୀ, ଶାଶୁ ଓ ଶ୍ୱଶୁର ହତ୍ୟା କରିଥିବା ସଙ୍ଗୀତାଙ୍କ ମା ରୀନାରାଣୀ ବେହେରା ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ମାମଲା ନଂ. ୪/୧୯ ରୁଜୁ କରିବା ସହ ସଙ୍ଗୀତାଙ୍କ ସ୍ୱାମୀ ବିନୋଦଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ତିର୍ତ୍ତୋଲ ଥାନା ଅଧୀନ ମର୍ଦ୍ଦୋଳ ଗ୍ରାମର ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରାଙ୍କ ଝିଅ ସଙ୍ଗୀତା ୬ ବର୍ଷ ତଳେ ନହରଣା ଗାଁର ରଥ ମୁଦୁଲିଙ୍କ ପୁଅ ବିନୋଦଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପରେ ବାପ ଘରୁ ଅଧିକ ଯୌତୁକ ଆଣିବା ପାଇଁ କାଳେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଚାପ ପକାଉଥିଲେ ବୋଲି ଅଭିଯୋଗ ହୋଇଛି। ଶୁକ୍ରବାର ତାଙ୍କ ମୃତଦେହ ମିଳିବା ପରେ ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବିନୋଦ ଘରକୁ ଆସିଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ଅଟକ ରଖିଛି। ବାଲିଗୁଡା ତହସିଲଦାର ଦୀପ୍ତିରେଖା ପାତ୍ର ମଧ୍ୟ ପହଞ୍ଚି ତଦନ୍ତ କରିଥିଲେ। ସଙ୍ଗୀତା ମୃତ୍ୟୁ ପୂର୍ବରୁ ତାଙ୍କ ବାପାଙ୍କ ମୃତଦେହ ସତ୍କାର ହୋଇଥିବା ସ୍ଥାନରେ ତାଙ୍କ ମୃତଦେହ ସତ୍କାର କରିବାକୁ ଲେଖିଯାଇଥିବା ଜଣାପଡିଛି।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଅଟକ

**ରାହାମା,୨୮।୬(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଜିମା ଦେଇଛନ୍ତି। ଏନେଇ ଅଭିଭାବକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ.୧୪୫/୧୯ ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶିକ୍ଷକ ଜଣଙ୍କ ଅପରାହ୍ନ ସାଢେ ୩ଟାରେ ସପ୍ତମ ଶ୍ରେଣୀରେ ବିଜ୍ଞାନ ପଢାଉଥିଲେ। ଏହି ସମୟରେ ସମ୍ପୃକ୍ତ ଛାତ୍ରୀଙ୍କୁ ବାହାରକୁ ଡାକିନେଇ ଅସଦାଚରଣ କରିଥିଲେ। ଏଥିସହ ନିକଟରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୃହକୁ ଏକୁଟିଆ ଆସିବାକୁ କହିଥିଲେ। ଏହା ପୂର୍ବରୁ ମଧ୍ୟ ସେ ଅନେକଥର ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣଙ୍କ ନିଜ ଘରେ ଏ ସମ୍ପର୍କରେ କହିବା ପରେ ସେମାନେ ବିଦ୍ୟାଳୟକୁ ଯାଇ ପାଟିତୁଣ୍ଡ କରିଥିଲେ। ସ୍ଥାନୀୟ ଲୋକେ ମଧ୍ୟ ବିଦ୍ୟାଳୟରେ ହୋହଲ୍ଲା କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

# ଦେଶୀ ମଦ ଜବତ, ୩ ଗିରଫ: ସନ୍ତୋଷଜନକ ହେଉନି ଚଢ଼ାଉ

**ଜଗତ୍‌ସିଂହପୁର ଅଫିସ,୨୮।୬**

ଜଗତ୍‌ସିଂହପୁର ଜିଲାରେ ବର୍ଷାଧିକ କାଳ ହେବ ଅବାଧରେ ଚାଲିଛି ବେଆଇନ ମାଦକଦ୍ରବ୍ୟ କାରବାର। ଜିଲାର ବିଭିନ୍ନ ସ୍ଥାନରେ ଦେଶୀ, ବିଦେଶୀ ମଦ ସମେତ ବ୍ରାଉନସୁଗାର, ଗଞ୍ଜେଇ, ଅଫିମ ଆଦି ବିକ୍ରି ହେଉଛି। ପୋଲିସ ଓ ଅବକାରୀ ବିଭାଗ ଛତ୍ରଛାୟା ତଳେ ଏହି କାରବାର ଚାଲିଥିବା ବାରମ୍ବାର ଅଭିଯୋଗ ହେବା ପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିପ୍ରତି ଗୁରୁତ୍ୱ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୯.୬୦୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ତିର୍ତ୍ତୋଲ ବ୍ଲକ କ୍ରୀଷ୍ଣାନନ୍ଦପୁରର ବସନ୍ତପୁର ଛକ ନିକଟରୁ ୩.୪ ଲିଟର କରାଯାଇଛି। ପାରାଦୀପର ଷଣ୍ଢକୁଦ, ଜଗତ୍‌ସିଂହପୁରର ନିମିଗାଁ, ତରିକୁଣ୍ଡ ନିକଟ ଧନିପୁରଠାରେ ପୃଥକ ଚଢାଉ କରାଯାଇ ମଦ ଜବତ କରାଯିବା ସହ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଅବକାରୀ ବିଭାଗର ଏହି ଚଢାଉ କେବଳ ଲୋକଦେଖାଣିଆ ବୋଲି କୁହାଯାଉଛି। କାରଣ ବିଦେଶୀ ଚୋରା ମଦ, ବ୍ରାଉନ ସୁଗାର, ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିବାକୁ ବିଭାଗ ତତ୍ପରତା ପ୍ରକାଶ କରୁନାହିଁ। ବିଭାଗୀୟ କର୍ମଚାରୀମାନେ ମାସିକିଆ ଚାନ୍ଦା ନେଉଥିବାରୁ ଚଢାଉ ପାଇଁ ମନ ବଳାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବଡ଼ ବଡ଼ ଚୋରା ବ୍ୟବସାୟୀମାନେ ଅବାଧରେ କାରବାର ଚଳାଇଛନ୍ତି। ଜିଲା ମୁଖ୍ୟାଳୟରେ ଏହି ସବୁ କାରବାର ଦିବାଲୋକରେ ଚାଲିଥିଲେ ସୁଦ୍ଧା ଅବକାରୀ ବିଭାଗ ଓ ପୋଲିସ ନୀରବ ରହିଛି। ଆଗକୁ ଦେଖିବାର ଅଛି ଜିଲାପାଳଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ କିଭଳି ପାଳନ କରୁଛନ୍ତି।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।
-ଗୁରୁ ନାନକ



## ସଂକ୍ଷେପରେ

### ୧୦ ଫୁଟ୍‌ର ଅଜଗର ଉଦ୍ଧାର



ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର,୨୮।୬ (ଡି.ଏନ.ଏ/ସ୍ୱ.ପ୍ର.): ଦର୍ପଣ ତହସିଲ ଅନ୍ତର୍ଗତ ଅସିହା ପାହାଡ଼ ପାଦଦେଶରୁ ଶୁକ୍ରବାର ବନ ବିଭାଗ ୧୦ ଫୁଟ୍‌ର ଅଜଗର ଉଦ୍ଧାର କରିଛି। ଏହି ପାହାଡ଼ ନିକଟ ମଝିପଡ଼ା ଓ ଅଚ୍ୟୁତବସନ୍ତ ଗ୍ରାମରୁ ବ୍ୟାପକ ସଂଖ୍ୟାରେ ଛେଳି ଓ ଗୋରୁ ପାହାଡ଼କୁ ଚରିବାକୁ ଯାଆନ୍ତି। ତେବେ ଶୁକ୍ରବାର ସକାଳେ ଏକ ଅଜଗର ଛେଳିକୁ ଗିଳିଦେଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଚଣ୍ଡିଖୋଲ ଡାଲିଯୋଡ଼ା ଫରେଷ୍ଟ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀ ଗଣେଶ ଚନ୍ଦ୍ର ସିଂ, ଦୁଷ୍ମନ୍ତ ମହାରଣା, ଚନ୍ଦ୍ରଶେଖର ଦାସ ପ୍ରମୁଖ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଜଗର ଉଦ୍ଧାର କରିଥିଲେ। ପରେ ଅଜଗରକୁ ନେଇ ମହାବିନାୟକ ଜଙ୍ଗଲରେ ଛାଡ଼ିଥିଲେ।

### ବଡ଼ଚଣା ଯୋଗାଣ ଅଧିକାରୀ ନିଲମ୍ବିତ

ଚଣ୍ଡିଖୋଲ,୨୮।୬(ଡି.ଏନ.ଏ.): ବଡ଼ଚଣା ବ୍ଲକ ଯୋଗାଣ ଅଧିକାରୀ ବିଶ୍ୱଜିତ ମିଶ୍ରଙ୍କୁ ରାଜ୍ୟ ଯୋଗାଣ କମିଶନର ଚିଠି ନଂ. ୦୦୧୫-୨୦୧୯/୯୫୮୦ରେ ଶୁକ୍ରବାର ନିଲମ୍ବିତ କରିଥିବା ଜଣାପଡ଼ିଛି। ଯୋଗାଣ ବିଭାଗର ନିୟମ ଅନୁଯାୟୀ ସମସ୍ତ ରାଶନ କାର୍ଡଧାରୀଙ୍କ ଗତ ଅକ୍ଟୋବର ମାସ ସୁଦ୍ଧା ରାଶନ କାର୍ଡ ସହ ଆଧାର ଲିଙ୍କ ହେବାର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ହେଲେ ବଡ଼ଚଣା ବ୍ଲକରେ ଅଦ୍ୟାବଧି ଆଧାର ଲିଙ୍କ ହୋଇପାରିନାହିଁ। ଆଧାର ଲିଙ୍କ ନ ଥିବା କାର୍ଡଗୁଡ଼ିକ ଜାଲିଆତି ହେଉଥିବା ନେଇ ସଚିବ କ୍ଷୋଭ ପ୍ରକାଶ କରିବା ସହ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଯୋଗାଣ ଅଧିକାରୀ ମିଶ୍ରଙ୍କୁ ନିଲମ୍ବିତ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତା ପ୍ରକାଶ କରିଛନ୍ତି। ଏଥିସହ ପୂର୍ବରୁ ବଡ଼ଚଣା ଅଞ୍ଚଳରେ ଥିବା ସାବିତ୍ରୀ ରାଇସ ମିଲ୍ ଧାନ କିଣା ଓ ଚାଉଳ ଯୋଗାଣରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିରେ ସମ୍ପୃକ୍ତି ଥିବା ନେଇ ମଧ କାରଣ ଦର୍ଶାଅ ନୋଟିସ ଜାରି ହେବା ସହ ତଦନ୍ତ ଚାଲିଥିଲା।

### ମଦ ଜବତ, ଜଣେ ଗିରଫ

ଧର୍ମଶାଳା,୨୮।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଉତ୍ତମ ମଲିକଙ୍କୁ ଶୁକ୍ରବାର ବେଆଇନ ମଦ କାରବାର ଅଭିଯୋଗରେ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ କବାଟବନ୍ଧ ବଜାରରେ ଉତ୍ତମ ବେଆଇନ ଭାବେ ମଦ ବିକ୍ରି କରୁଥିଲେ। ଖବର ପାଇ ଥାନା ଅଧିକାରୀ ସୁଶାନ୍ତ ଦାସ ସଦଳବଳେ ଚଢାଉ କରି ୨୫ ବୋତଲ ଦେଶୀ ମଦ ଜବତ କରିବା ସହ ଉତ୍ତମଙ୍କୁ ଗିରଫ କରିଥିଲେ। ଏ ନେଇ ଏକ ମାମଲା (ନଂ. ୧୪୦/୧୯) ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

### ରଥଯାତ୍ରା ପରିଚାଳନା ବୈଠକ

ଧର୍ମଶାଳା,୨୮।୬(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉତ୍ସବ ଶାନ୍ତି ଶୃଙ୍ଖଳାଭାବେ ପରିଚାଳନା କରିବାକୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଧର୍ମଶାଳା ଆଇଆଇସି ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କଣ୍ଟିଲୋ ନୀଳମାଧବ ଅଞ୍ଚଳର ମୁଖ୍ୟ ବିନ୍ଧାଣି ଦେବରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ କାମ ଶେଷ ହୋଇଛି। ଚଳିତ ବର୍ଷ ରଥଯାତ୍ରା ଆଡମ୍ବର ସହକାରେ ପାଳନ କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ଜାରକା ବଜାର, ଶାନ୍ତିବଜାର, ଧର୍ମଶାଳା ବଜାର ଅତିକ୍ରମ କରି ଧର୍ମଶାଳା ହାଟପଡିଆସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ପୀତାମ୍ବର ଜେନା, ଅବଧୂତ ରାଉତ, ଜଳଧର ମହାନ୍ତି, ପ୍ରସନ୍ନ ବରାଳ, ସବ୍ୟସାଚୀ ବେହେରା, କଳ୍ପତରୁ ସାହୁ, ଇନ୍ଦ୍ରମଣି ମହାନ୍ତି, ସୁନୀଲ ରାଉତରାୟ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ■ ଫନୀ ଉଜାଡ଼ିଲା ଦାନାପାଣି

# କ୍ଷତିପୂରଣ ଅପେକ୍ଷାରେ ୩୦୬୭ କାରିଗର

■ପ୍ରାୟ ୧୨୦୦ କାରିଗରଙ୍କ ଯାଞ୍ଚ ବାକି
■ସମୟ ମାଗିଲା ଜିଲା ଶିଳ୍ପକେନ୍ଦ୍ର
■ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ସ୍ଥାଣୁ

ଯାଜପୁର ଅଫିସ,୨୮।୬

ଗତ ମେ ୩ରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ଫନୀ ଯୋଗୁ ଯାଜପୁର ଜିଲାର ୩୦୬୭ କାରିଗରଙ୍କ କଞ୍ଚାମାଲ, ନିର୍ମାଣ ସାମଗ୍ରୀ, ଯନ୍ତ୍ରପାତି ଓ କର୍ମଶାଳା ପ୍ରଭୃତି କ୍ଷତିଗ୍ରସ୍ତ ହୋଇଛି । ଏହାର ପରିମାଣ ସମୁଦାୟ ୩ କୋଟି ୮୮ ଲକ୍ଷ ୪୦ ହଜାର ୬୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ କର୍ମଚାରୀ ଅଭାବରୁ ନିର୍ଦ୍ଧାରିତ ୨୬।୬।୨୦୧୯ ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ କାରିଗରଙ୍କ ସମ୍ପର୍କରେ ଯାଞ୍ଚ ହୋଇପାରି ନାହିଁ । ଏଥିରେ ପ୍ରାୟ ୧୨୦୦ କାରିଗର ନୀରିକ୍ଷଣ ହେବାକୁ ବାକି ରହିଥିବା ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ତେବେ ଫନୀକୁ ପାଖାପାଖି ୨ ମାସ ପୁରିବାକୁ ଯାଉଥିବାବେଳେ ଆବଶ୍ୟକ କ୍ଷତିପୂରଣ ନ ମିଳିବାରୁ ଜିଲାର ଗରିବ ହସ୍ତଶିଳ୍ପ କାରିଗରଙ୍କ ଦାନାପାଣି ସଙ୍କଟରେ ଗତି କରୁଛି।

ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁ ଦାୟିତ୍ୱ ବହନ କରୁଥିବା ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) ଏଠାରେ ନିଷ୍କ୍ରିୟ ହୋଇପଡିଛି। କୁଟୀର ଶିଳ୍ପ ତଥା ହସ୍ତଶିଳ୍ପ କାରିଗରଙ୍କ ପାଇଁ ଅନେକ ସମ୍ବଳ ରହିଥିଲେ ହେଁ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ବିକାଶର ଗତି ଦିନକୁ ଦିନ ମନ୍ଥର ହେବାରେ ଲାଗିଛି । ଉପଯୁକ୍ତ ବଜାର ସୁବିଧା ଏବଂ ଭିତ୍ତିଭୂମିର ବିକାଶ ଦିଗରେ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ହସ୍ତଶିଳ୍ପ ସାମଗ୍ରୀର ଉଚିତ ଲାଭ ମିଳିପାରୁ ନାହିଁ । ଏଭଳି ସ୍ଥିତିରେ ପ୍ରଳୟଙ୍କରୀ ବାତ୍ୟା ଫନୀ ହସ୍ତଶିଳ୍ପ କାରିଗରଙ୍କ ଦାନାପାଣିକୁ ସଙ୍କଟରେ ପକାଇଛି। ଗତ ୨୫ ତାରିଖ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ଜିଲାର ୧୦ଟି ବ୍ଲକ ଓ ୨ ପୌରାଞ୍ଚଳରେ ୩୦୬୭ ଜଣ କାରିଗର ଫନୀ ଯୋଗୁ ପ୍ରଭାବିତ ହୋଇଛନ୍ତି । ଏଥିରେ ହସ୍ତଶିଳ୍ପଙ୍କ ବିଭିନ୍ନ କଞ୍ଚାମାଲ, ନିର୍ମାଣ ସାମଗ୍ରୀ, କର୍ମଶାଳା, ମୂର୍ତ୍ତି, କୋଇଲା, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ନଷ୍ଟ ହୋଇଯାଇଛି । କାରିଗରଙ୍କ କାଇଁଚ, ନିର୍ମାଣ ସାମଗ୍ରୀ, ପଥର କାରିଗରଙ୍କ କଞ୍ଚାମାଲ ଓ କର୍ମଶାଳା ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏହାବାଦ କଂସା ପିତ୍ତଳ ଏବଂ ଟେରାକୋଟା ନିର୍ମାଣରେ କୁଣ୍ଡପାଟଣା, ବାଲିପାଟଣା, ଅତଲାପୁର, ସାମନ୍ତପୁର, ବୈଦ୍ୟରାଜପୁର, ବୁଗୁଡି, ପଣସୁଧା, ଲକ୍ଷ୍ମୀନଗର, ପ୍ରଥମାଖଣ୍ଡି, ଗୋପାଳପୁର, ଲକ୍ଷ୍ମୀନଗର ଆଦି ଗ୍ରାମର କାରିଗରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ କାରିଗରଙ୍କ ପକ୍ଷରୁ ସଂଗଠନ ସମ୍ପାଦକ ପ୍ରିୟରଞ୍ଜନ କରଙ୍କ ନେତୃତ୍ୱରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଡିଆନ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ହେଲେ ଏଯାଏ କୌଣସି ସୁଫଳ ନ ମିଳିବାରୁ ଫନୀ ପ୍ରଭାବିତ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାବାଦ ୨୦୧୮ ମାର୍ଚ୍ଚରେ ରାଜ୍ୟରେ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଏବଂ ଉନ୍ନୟନ ପରିଷଦ ଗଠନ ହୋଇଛି। ଏଥିପାଇଁ ୨୦ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ବିଡମ୍ବନା ଯେ, ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ଅସହଯୋଗ କାରଣରୁ ଏହି ପରିଷଦ ଏଯାଏ ସକ୍ରିୟ ହୋଇପାରି ନାହିଁ। ଫଳରେ ମଞ୍ଜୁର ହୋଇଥିବା ଅର୍ଥ କାରିଗରଙ୍କ ହିତରେ ଆସିପାରି ନାହିଁ। ଏପରିକି ଫନୀରେ ପ୍ରଭାବିତ କାରିଗରଙ୍କ ପାଇଁ ଏହି ଅର୍ଥ କାମରେ ଲାଗିପାରି ନାହିଁ । ଫଳରେ କାରିଗରମାନେ ବହୁ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଓଡ଼ିଶା ଶିଳ୍ପୀ ମହାସଂଘର ସଂଗଠନ ସମ୍ପାଦକ ପ୍ରିୟରଞ୍ଜନ କର କହିଛନ୍ତି ଯେ, କ୍ଷତିଗ୍ରସ୍ତ କାରିଗରଙ୍କ ପାଇଁ ସରକାର ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରିପାରି ନାହାନ୍ତି। ଏପରିକି କ୍ଷତିଗ୍ରସ୍ତ କାରିଗରଙ୍କୁ ଚିହ୍ନଟ କରିବାରେ ପ୍ରଶାସନ ବିଫଳ ହୋଇଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ଓ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ କାରିଗରଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ନ କଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ମନ୍ତ୍ରୀ ମହାସଂଘ କର୍ମକର୍ତ୍ତାଙ୍କ ପାଖରେ ବୈଠକ ଡାକି ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ କହିଛନ୍ତି, କ୍ଷତିଗ୍ରସ୍ତ କାରିଗରଙ୍କ ରିପୋର୍ଟ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ହେଲେ ପାଣ୍ଠି ଆସି ନ ଥିବାରୁ କ୍ଷତିପୂରଣ ପ୍ରଦାନ କରାଯାଇ ପାରିନାହିଁ। ଯାଜପୁର ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ସମସ୍ତ କ୍ଷତିଗ୍ରସ୍ତ କାରିଗରଙ୍କ ରିପୋର୍ଟ ଚୂଡାନ୍ତ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆହୁରି ୧୫ ଦିନ ସମୟ ମାଗିଛନ୍ତି।

### ଦମକଳ ବାହିନୀ କର୍ମଚାରୀ ଗୁରୁତର

ଧର୍ମଶାଳା,୨୮।୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ଗ୍ରାମରେ ଶୁକ୍ରବାର କୂଅରେ ପଡିଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଯାଇ ଦମକଳ ବାହିନୀର ୨ କର୍ମଚାରୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲଥିବା ଜଣାପଡିଛି।

ପ୍ରକାଶ ଯେ, ଉତ୍ତରପ୍ରତାପ ଗ୍ରାମର ଜଗବନ୍ଧୁ କୁଣ୍ଡୁ (୫୫) ଶୁକ୍ରବାର ଗ୍ରାମ ନିକଟ ଏକ ପରିତ୍ୟକ୍ତ କୂଅରେ ପଡିଯାଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାମ ଆରମ୍ଭ କରିଥିଲା। ଜଗବନ୍ଧୁଙ୍କୁ ଉଦ୍ଧାର କରିବା ପାଇଁ ଦମକଳ କର୍ମଚାରୀ ନିରଞ୍ଜନ ମାନସିଂହ ଓ ବିଜୟ କୁମାର ଦାସ କୂଅ ଭିତରେ ପଶିଥିଲେ। ହେଲେ ଉଦ୍ଧାର ବେଳେ ଉଭୟ କର୍ମଚାରୀଙ୍କ ଅଣନିଃଶ୍ୱାସୀ ହୋଇପଡିଥିଲେ। ଏହା ପରେ ବି ଜଗବନ୍ଧୁଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ପରେ ଦମକଳବାହିନୀ ଗାଡିରେ ଜଗବନ୍ଧୁ ଓ ଦୁଇ କର୍ମଚାରୀଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ■ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

# ୧୦୮ କର୍ମଚାରୀ- ରୋଗୀଙ୍କ ସମ୍ପର୍କୀୟ ମୁହାଁମୁହିଁ

ସୁକିନ୍ଦା,୨୮।୬(ଡି.ଏନ୍.ଏ.)



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟ ମଧ୍ୟରେ ଉତ୍ତେଜନା।

ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ଦୁର୍ଘଟଣାର ଶିକାର ହୋଇଥିବା ଜଣେ ମହିଳାଙ୍କୁ ସ୍ଥାନାନ୍ତରକରିବାକୁ ନେଇ ରୋଗୀ ସମ୍ପର୍କୀୟ ଏବଂ ୧୦୮ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିବାପରେ ସମ୍ପୃକ୍ତ ମହିଳାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଯାଜପୁର ଜିଲା ସୁକିନ୍ଦାଥାନା ଅନ୍ତର୍ଗତ କୁହିକା ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନରେ ଦାନଗଦୀ ବ୍ଲକ ତେଲିବାହାଳି ଗ୍ରାମର ଭାରତୀପ୍ରଭା ନାୟକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁହିକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର କଟକ ସ୍ଥାନାନ୍ତର ପରାମର୍ଶ ଦେଇଥିଲେ। ଏହି ସମୟରେ ବର୍ଷା ହେଉଥିବାରୁ ମୋବାଇଲ୍‌ରେ ନେଟୱର୍କ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟ ପ୍ରଥମେ ୧୦୮ ସହାୟତାକେନ୍ଦ୍ରର ସହାୟତା ନେଇପାରି ନ ଥିଲେ। ତେଣୁ ବାଧ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଠାରୁ ଆରମ୍ଭକରି ଡାକ୍ତରଙ୍କୁ ମଧ କହିଥିଲେ। କିନ୍ତୁ ୧୦୮ ଆମ୍ବୁଲାନ୍ସର ଜଣେ କର୍ମଚାରି ସୁକିନ୍ଦା ଥାନାକୁ ଫନ କରି ରୋଗୀଙ୍କ ସମ୍ପର୍କୀୟ ଗାଳିଗୁଲଜ କରିଥିବାନେଇ ଫନଯୋଗେ ଜଣାଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୁକିନ୍ଦା ଥାନା ଏଏସ୍‌ଆଇ ନୃସିଂହ ଚରଣ ମହାନ୍ତି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦୮ ଯୋଗେ ରୋଗୀଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ। ଏ ନେଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ୍ୟୁଟିରେ ଥିବା ଡାକ୍ତର ପି.କେ ପଣ୍ଡାଙ୍କୁ ପଚାରିବାରୁ, ରୋଗୀଙ୍କ ସମ୍ପର୍କୀୟ ୧୦୮ କେନ୍ଦ୍ରର ସହାୟତା ନ ନଇଥିବାରୁ ତାଙ୍କୁ ଆମ୍ବୁଲାନ୍ସ ସୁବିଧା ମିଳିବାରେ ବିଳମ୍ବ ଘଟିଥିଲା। ଡ୍ୟୁଟିରେ ଥିବା ଆମ୍ବୁଲାନ୍ସର ଜଣେ କର୍ମଚାରୀ ରୋଗୀଙ୍କ ସମ୍ପର୍କୀୟ ସହାୟତାକେନ୍ଦ୍ରକୁ ନ ଜଣାଇ ଆମ୍ବୁଲାନ୍ସରେ ରୋଗୀଙ୍କୁ ନେବା ପାଇଁ ବାଧ କରିଥିଲେ। ତେଣୁ ସେବା ପ୍ରଦାନ କରାଯିବାରେ ବିଳମ୍ବ ହୋଇଥିଲା। କିନ୍ତୁ ନିର୍ଦ୍ଦେଶ ଆସିବାପରେ ତୁରନ୍ତ ସେବାପ୍ରଦାନ କରାଯାଇଥିଲା କହିଛନ୍ତି।

### ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗ, ସ୍ୱାମୀ ଗିରଫ

ଧର୍ମଶାଳା,୨୮।୬(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ଗ୍ରାମର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଓ ମା'ଙ୍କୁ ମାଡ଼ ମାରିଥିଲେ। ଏ ନେଇ ସ୍ତ୍ରୀ ନିରୁପମା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (୨୭୬/୧୯) ରୁଜୁକରି ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଯୁଗଳ ନାୟକ। ପ୍ରକାଶ ଯେ, ଯୁଗଳ ନିଶାସକ୍ତ ଅବସ୍ଥାରେ ଗୁରୁବାର ସନ୍ଧ୍ୟାରେ ଘରେ ପହଞ୍ଚି ସ୍ତ୍ରୀ ଓ ମା'ଙ୍କୁ ମାଡ଼ ମାରିଥିବା ନେଇ ସ୍ତ୍ରୀ ନିରୁପମା ଥାନାରେ ଅଭିଯୋଗ କରିଥିଲେ।

### ଜିଲା ସଂସ୍କୃତି ପରିଷଦ କମିଟି
### ଧର୍ମଶାଳାରୁ ୫ ମନୋନୀତ

ଧର୍ମଶାଳା,୨୮।୬(ଡି.ଏନ୍.ଏ.)

ଯାଜପୁର ଜିଲା ସଂସ୍କୃତି ପରିଷଦ ପୁନଃ ଗଠିତ କମିଟିରେ ଧର୍ମଶାଳା ଅଞ୍ଚଳର ଜଣେ ଉପଦେଷ୍ଟା ମଣ୍ଡଳୀକୁ ମନୋନୀତ କରାଯାଇଥିବା ବେଳେ ୪ଜଣଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି। ଗୋକର୍ଣ୍ଣିକା ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନାଙ୍କୁ ଉପଦେଷ୍ଟା କମିଟିକୁ ମନୋନୀତ କରାଯାଇଛି। ସେ ପୂର୍ବରୁ ୩ ଥର ଏହି ପରିଷଦର ସଦସ୍ୟ ରହିଛନ୍ତି। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ୨୦୧୭-୧୮ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷେ ଚଳିତ ବର୍ଷ କବି ତୁହିନାଂଶୁ ରଥ, ଗାଳ୍ପିକ ଭୀମ ପୃଷ୍ଟି, ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ଓ ଶିଶୁ ସାହିତ୍ୟିକ ରାଜ କିଶୋର ପାଢୀଙ୍କୁ କମିଟିର ସଦସ୍ୟଭାବେ ମନୋନୀତ କରାଯାଇଛି। ସେହିପରି ରସୁଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟିଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଏ ନେଇ ସମସ୍ତେ ଯାଜପୁର ଜିଲାପାଳ ତଥା ସଂସ୍କୃତି ପରିଷଦ କମିଟିର ଅଧ୍ୟକ୍ଷ ରଞ୍ଜନ କୁମାର ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଧର୍ମଶାଳା ବିଧାୟକ ତଥା ଉପ ମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟ, ସଭାପତି ଇନ୍ଦ୍ରମଣି ନାୟକ, ଉପସଭାପତି ଗୁଲାମ ଗସ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୁନାକର ସାହୁ, ଅବିନେଶ୍ୱର ଶତପଥୀ, ମାନସ ରଞ୍ଜନ ଜେନା, ସଂଗ୍ରାମକେଶରୀ ଜେନା, ସଞ୍ଜୟ କୁମାର ରାୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଯାଜପୁରରୋଡ ସିଏଚ୍‌ସି ଅବ୍ୟବସ୍ଥା ସମ୍ପର୍କରେ ତଦନ୍ତ

ଯାଜପୁର ରୋଡ,୨୮।୬(ନି.ପ୍ର.)

ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଜିଲାର ଅନ୍ୟ ଏକ ପ୍ରମୁଖ ଡାକ୍ତରଖାନା। ଏଠାରେ ଆବଶ୍ୟକ ଡାକ୍ତର, ବିଶେଷଜ୍ଞ, ଟେକ୍ନିସିଆନ ପଦବୀ ବହୁଦିନ ଧରି ଖାଲିପଡିଛି। ୨ ବର୍ଷ ହେଲା ମେଡିସିନ୍ ବିଶେଷଜ୍ଞ ନ ଥିବାରୁ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାଜପୁରରୋଡ ସହର ସମେତ କୋରେଇ, ରସୁଲପୁର, କେନ୍ଦୁଝର ଜିଲାର ରାମଚନ୍ଦ୍ରପୁର ଓ କଳିଙ୍ଗନଗର ଶିଳ୍ପାଞ୍ଚଳର ବହୁ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଘରୋଇ ସେବାରେ ମାତିଛନ୍ତି ସରକାରୀ ଡାକ୍ତର ଶୀର୍ଷକ ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ଯାଜପୁର ଜିଲା ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ଶତପଥୀ ତଦନ୍ତ ପାଇଁ ଡିଡିଓଙ୍କ ନେତୃତ୍ୱରେ ଏକ ଟିମ୍ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଏ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିଲେ। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ, ଅଫିସ୍, ମେଡିସିନ୍ ଷ୍ଟୋର୍, ପ୍ରମୁଖ ବୁଲି ଦେଖିଥିଲେ। ଡାକ୍ତରଖାନାର ସଫେଇ କାର୍ଯ୍ୟ ତଦାରଖ କରିଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ, କୌଣସି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିନାହାନ୍ତି ବୋଲି ସଫେଇ ଦେଇଥିଲେ। ଏ ସମ୍ପର୍କରେ ଯାଜପୁର ସିଡିଏମ୍‌ଓ ରଶ୍ମିରଞ୍ଜନ ଶତପଥୀଙ୍କୁ ପଚାରିବାରୁ, ଡାକ୍ତରଖାନା କର୍ମଚାରୀ, ଡାକ୍ତର ଡ୍ୟୁଟି କରୁଛନ୍ତି କି ନାହିଁ ସଫେଇ ସମ୍ପର୍କରେ ତଦନ୍ତ କରିବା ପାଇଁ ଏକ ଟିମ୍ ପଠାଇଥିଲେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ସବ-ଡିଭିଜିନାଲ ହସପିଟାଲରେ ପରିଣତ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ।

### ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

# ଯୁବକ କୋର୍ଟ ଚାଲାଣ

ଯାଜପୁରରୋଡ,୨୮।୬(ନି.ପ୍ର.)

ପ୍ରାତଃ ଭ୍ରମଣରେ ଆସୁଥିବା ମହିଳାଙ୍କୁ ବାରମ୍ବାର ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଯାଜପୁରରୋଡ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁରରୋଡସ୍ଥିତ ଝାଟିଆ ସାହି ଅଞ୍ଚଳର ସପନ କୁମାର ସିଂହ (୩୮)। ପ୍ରକାଶ ଯେ, ସପନ ବାରମ୍ବାର ଅଶ୍ଳୀଳ ଇଙ୍ଗିତ ଦେଇଆସୁଥିଲେ। ଏଥିରୁ ନିବୃତ୍ତ ରହିବା ପାଇଁ ମହିଳାମାନେ ସମ୍ପୃକ୍ତ ଯୁବକଙ୍କୁ ତାଗିଦ୍ ମଧ କରିଥିଲେ। ହେଲେ ସପନ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଗୁରୁବାର ସପନ ଜଣେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାବେଳେ କେତେଜଣ ମହିଳା ମିଶି ତାଙ୍କୁ ପିଟିବା ସହ ଉଠବସ କରାଇ ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୯୫/୧୯) ରୁଜୁ କରି ସପନଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରିଛି।

## ■ ମୂଳାପାଳ ଗ୍ରାମପଞ୍ଚାୟତ ବୈଠକ

# ଗୋଖାଦ୍ୟ ବଣ୍ଟନକୁ ନେଇ ଉଦ୍‌ବେଗ



ଗ୍ରାମପଞ୍ଚାୟତର ମାସିକ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

ଯାଜପୁର ଅଫିସ,୨୮।୬

ଯାଜପୁର ଜିଲା କୋରେଇ ବ୍ଲକ ମୂଳାପାଳ ଗ୍ରାମପଞ୍ଚାୟତର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏହାସହ ବାତ୍ୟା ଫନୀକୁ ପ୍ରାୟ ଦୁଇମାସ ପୂରିବାକୁ ଯାଉଥିଲେ ହେଁ ଆସିଥିବା ଗୋଖାଦ୍ୟ ବଣ୍ଟନ ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ୱାର୍ଡ ସଭ୍ୟା ସତ୍ୟଭାମା ଜେନା ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀଙ୍କୁ କେବେ ସୁଦ୍ଧା ଗୋଖାଦ୍ୟ ବଣ୍ଟନ ହେଉଛି ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ନିର୍ବାହୀ ଅଧିକାରୀ ଏ ସଂକ୍ରାନ୍ତରେ କିଛି ଜାଣି ନାହାନ୍ତି ବୋଲି ଉତ୍ତର ରଖିଥିଲେ । ଏହାବାଦ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ହେଉଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା ।

## ■ ତହସିଲଦାରଙ୍କୁ ମାଡ଼ ମରିବା ଘଟଣାକୁ ବିତିଲା ୨୫ ଦିନ

# କାର୍ଯ୍ୟାନୁଷ୍ଠାନ ଶୂନ, ପୋଲିସ ଉପରୁ ତୁଟୁଛି ଭରସା

ରସୁଲପୁର,୨୮।୬(ଡିଏନଏ)

ରସୁଲପୁର ତହସିଲ ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢିଯାଇଛି। ବାଲି ଚୋରା ଚାଲାଣକୁ ରୋକିବା ପାଇଁ ପ୍ରୟାସ କରି ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ମାଡ଼ ଖାଇବାକୁ ପଡିଛି। ତହିଲସଦାରଙ୍କୁ ମାଡ଼ ମାରି ଅଭିଯୁକ୍ତମାନେ ଖୋଲାମେଲାରେ ବୁଲୁଛନ୍ତି । ଏହାରି ଭିତରେ ୨୫ଦିନ ବିତିଗଲାଣି। କୁଆଖିଆ ଥାନା ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଛି। ଏ ସବୁ ସତ୍ତ୍ୱେ ବେଆଇନ ବାଲିଘାଟରୁ ବାଲି ଚାଲାଣ ବନ୍ଦ ହୋଇପାରି ନାହିଁ। ବାଲି ମାଫିଆ କେତେଜଣ ରାଜନେତାଙ୍କୁ ହାତକରି ଘାଟ ଚଳାଇବାରେ ସକ୍ଷମ ହୋଇଆସୁଛନ୍ତି। ଉକ୍ତ ଘଟଣା ସ୍ପଷ୍ଟ ଦିବାଲୋକରେ ଘଟୁଛି। ମାଫିଆମାନେ ପ୍ରଶାସନକୁ ଚାଲେଞ୍ଜ କରି ଏଭଳି କାଣ୍ଡ ଭିଆଉଛନ୍ତି। ଲଘୁ ଖଣିଜଜାତ ଦ୍ରବ୍ୟକୁ ବିନିଯୋଗ କରି ଲକ୍ଷ ଲକ୍ଷ ଟଙ୍କା ଲାଭବାନ ହେଉଛନ୍ତି। ତେଣେ ରାଜସ୍ୱ ଆକାରରେ ଟଙ୍କାଟିଏ ସରକାରୀ ତହବିଲକୁ ଯାଇପାରୁ ନ ଥିବାବେଳେ ଜିଲା ପ୍ରଶାସନ ନିଦାବିଷ୍ଟ ସାଜିଛି।

ପ୍ରକାଶ ଯେ, ଜୁନ୍ ୩ରେ ତହସିଲଦାର ଭୁଜବଳ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ପରିବହନରେ ନିୟୋଜିତ ୫ଟି ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ବାଲି ମାଫିଆ ବାବୁଲା ଜେନା, ଦୀପୁ ଜେନା, କପିଳ ପଲେଇ ଓ ଚନ୍ଦନ ମଳିକ ନାମକ ୪ଜଣ ବ୍ୟକ୍ତି ଜବତ ଗାଡ଼ି ଛାଡିଦେବା ପାଇଁ ତହସିଲଦାରଙ୍କ ଉପରେ ଚାପ ପକାଇଥିଲେ। ମାତ୍ର ତହସିଲଦାର ଗାଡ଼ିଗୁଡ଼ିକୁ ନ ଛାଡ଼ି ଥାନାକୁ ପଠାଇବାରୁ ବାବୁଲା ଓ ତାଙ୍କ ସମର୍ଥକ ରାଗିଯାଇ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୋଲିସ ଏକ ମାମଲା (ନଂ.୧୫୬/୧୯) ରୁଜୁ କରି ଚୁପ୍ ବସିଯାଇଛି। ଘଟଣାର ୨୫ଦିନ ପରେ ବି ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ହେଲେ ଧରା ନ ପଡ଼ିବା ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତହସିଲ ଅଞ୍ଚଳରେ ଅଶାନ୍ତ ସ୍ଥିତି ଉପୁଜିଲେ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ମାଜିଷ୍ଟ୍ରେଟ୍ ଭୂମିକା ନିର୍ବାହ କରନ୍ତି। ତାଙ୍କ ନିର୍ଦ୍ଦେଶ ମୁତାବକ ପୋଲିସ ବାହିନୀ କାର୍ଯ୍ୟ କରିଥାଏ। ମାତ୍ର ଏଠାରେ ଆଇନ ଶୃଙ୍ଖଳା ରକ୍ଷା କରୁଥିବା ଲୋକର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହେବା ଘଟଣା ବିଭାଗର ଅସହାୟତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପୋଲିସ ପ୍ରଶାସନ ବାଲି ମାଫିଆଙ୍କ ଆଗରେ ଅସହାୟ ମଣୁଥିବା ଭଳି ମନେହେଉଛି। ଅଭିଯୁକ୍ତମାନେ ଧରା ନ ପଡିବା ସାଙ୍ଗକୁ ଖୁଲମଖୁଲା ବେଆଇନ ବାଲିଘାଟ ଚଳାଇବା ଘଟଣାରୁ ପୋଲିସର ଦକ୍ଷତା ନିଷ୍ପ୍ରଭ ମନେହେଉଛି। ପୋଲିସର ନୀରବତା ଅଭିଯୁକ୍ତଙ୍କୁ ଉଚ୍ଚ ନ୍ୟାୟାଳୟରୁ ଜାମିନ ଆଣିବା ପାଇଁ ସୁଯୋଗ ସୃଷ୍ଟି କରୁଛି। ତହସିଲଦାରଙ୍କୁ ମାଡ଼ ମାରି ଅଭିଯୁକ୍ତମାନେ ଧରା ନ ପଡିବା ଘଟଣା ପୋଲିସ ଉପରୁ ସାଧାରଣ ଲୋକଙ୍କର ଆସ୍ଥା ତୁଟି ଯାଉଛି ବୋଲି କୁହାଯାଉଛି। ଏ ଦିଗରେ କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ପୋଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ପ୍ରୟାସ ଜାରି ରଖିଛି। ଅନେକ ସମୟରେ ସେମାନଙ୍କ ଘର ଉପରେ ଚଢାଉ କରିଛି । ମାତ୍ର ଅଭିଯୁକ୍ତମାନେ ଘରେ ରହୁ ନ ଥିବାରୁ ସେମାନଙ୍କୁ ଧରିବା ସମ୍ଭବପର ହେଉନାହିଁ ବୋଲି ପ୍ରକାଶ କରିଛନ୍ତି । ପୋଲିସ ପ୍ରୟାସ କେବଳ ଚଢାଉରେ ସୀମୀତ ରହିଛି । ହେଲେ ଅଭିଯୁକ୍ତମାନେ ସ୍ଥାନୀୟ ଜନପ୍ରତିନିଧି ଓ ସେମାନଙ୍କ ପରିବାର ଲୋକଙ୍କ ସହ ଫୋନ୍‌ରେ କଥା ହେଉଥିଲେ ହେଁ ସେମାନଙ୍କ ଫୋନ କାହିଁକି ଟ୍ରାକ୍ କରୁନାହିଁ, ଅଭିଯୁକ୍ତଙ୍କ ଗତିବିଧି ଲକ୍ଷ୍ୟ କରିବା ଦିଗରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ କାହିଁକି ବ୍ୟବହାର କରୁନାହିଁ, ଏହିଭଳି ନାନା ପ୍ରଶ୍ନ ଜନସାଧାରଣଙ୍କ ମନରେ ଉଙ୍କି ମାରୁଛି। ସ୍ଥାନୀୟ ଲୋକେ ପୋଲିସର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

**ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ**

## ସଂକ୍ଷେପରେ

### ଭାପୁରରେ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ବନ୍ଦ

ଭାପୁର,୨୮।୬(ଡି.ଏନ୍.ଏ.)- ନୟାଗଡ଼ ଜିଲା ଭାପୁରରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡୁଥିବା ଅଭିଯୋଗ ହେଉଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁବେଳେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ରହୁଛି। ଏଠାରେ ୧ ମାସ ପୂର୍ବରୁ ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ ହୋଇଯାଇଛି। ଏହି ଆମ୍ବୁଲାନ୍ସ ସେବା ଯୋଗାଉଥିବା କର୍ମଚାରୀମାନଙ୍କ ରହିବା ଅସୁବିଧା ଯୋଗୁ ସେମାନେ ଭାପୁର ଛାଡ଼ି ନୟାଗଡ଼ରେ ରହୁଥିବାରୁ ସେବା ବନ୍ଦ ହୋଇଥିବା କୁହାଯାଇଛି। ଏହାର ସମାଧାନ ହୋଇ ନ ଥିବାବେଳେ ଜୁନ୍ ୧ରୁ ୧୦୨ ଆମ୍ବୁଲାନ୍ସ ସେବା ମଧ୍ୟ ବନ୍ଦ ହୋଇଯାଇଛି। ତେଣୁ ଏବେ ଗର୍ଭବତୀ ତଥା ପ୍ରସୂତି ପରେ ଯାତାୟାତ ତଥା ଅନ୍ୟାନ୍ୟ ଜରୁରିକାଳୀନ ପରିସ୍ଥିତିରେ ରୋଗୀମାନେ ହଇରାଣ ହେଉଛନ୍ତି। ଏ ନେଇ ନୟାଗଡ଼ ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଯେଉଁ ଗାଡ଼ି ମାଲିକ ୧୦୨ ଆମ୍ବୁଲାନ୍ସ ସେବା ଯୋଗାଉଥିଲା ତାହା ଏକ ମାରୁତି ଭ୍ୟାନ ଥିଲା। ତାଙ୍କୁ ବୋଲେରୋ ଗାଡ଼ି ନେବାକୁ କହିବାରୁ ସେ ରାଜି ନ ହେବାରୁ ତାଙ୍କ ଚୁକ୍ତି ବାତିଲ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ନୂତନ ଗାଡ଼ି ଭାପୁରରେ ସେବା ଯୋଗାଇବ।

### ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ରଣପୁର,୨୮।୬ (ସ୍ୱ.ପ୍ର.)-ରଣପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବିନୋଦପଡ଼ା ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମ୍ୟ କମିଟିର ମିଳିତ ବୈଠକରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଙ୍ଗାଧର ପାଇକରାୟଙ୍କ ସଭାପତିତ୍ୱରେ ଶୁକ୍ରବାର ଉକ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ରଣପୁର ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର ନାଥ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତ୍ନାକର ପାଣି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ସାମନ୍ତସିଂହାର, ସଞ୍ଜୟ କୁମାର ମଲ୍ଲିକ, ସିଆର୍‌ସିସି ଦାଶରଥି ମହାପାତ୍ର, ନରେନ୍ଦ୍ରପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ଗୁମାନସିଂହ, ଡିହଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୈତାରୀ ମହାନ୍ତି, ବିନୋଦ ଗୋଛି, ସୁଦାମ ବସ୍ତିଆ, ଲକ୍ଷ୍ମଣ ମହାପାତ୍ର, ବିଜୟ କୁମାର ମହାନ୍ତି, ଗୀତାଞ୍ଜଳି ବସ୍ତିଆ, ମନୋଜ କୁମାର ଗୁମାନସିଂ ପ୍ରମୁଖ ଉପସ୍ଥିତ ରହି ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଘରକୁ ଫେରିଲେ ଦୁବାଇରେ ଫସିଥିବା ୨ ଶ୍ରମିକ

■କେନ୍ଦ୍ରମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ

■ବଖାଣିଲେ ଦୁଃଖ କାହାଣୀ

ନୟାଗଡ଼ ଅଫିସ, ୨୮।୬

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରୁଡ଼ଙ୍ଗ ଗ୍ରାମରେ ଦୁବାଇରେ ଫସିଥିବା ୨ ଜଣ ଓଡିଆ ଶ୍ରମିକ ଶୁକ୍ରବାର ଘରକୁ ଫେରିଛନ୍ତି। ସେମାନେ ହେଲେ ପ୍ରତାପ ମହାରଣା(୨୫) ଓ ଗୁମାନ ମହାରଣା(୪୦)। ପ୍ରତାପ ଓ ଗୁମାନ ସମ୍ପର୍କରେ ଦାଦା ପୁତୁରା । ଗ୍ରାମରେ କିଛି କାମ ନ ଥିବାରୁ ରୋଜଗାର ଆଶାରେ ଏଜେଣ୍ଟଙ୍କ ଜରିଆରେ ୧୧ ମାସ ତଳେ ଉଭୟେ ଦୁବାଇ ଯାଇଥିଲେ। ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ଜଣେ ଠିକାଦାର ମାସକୁ ୩୫ ହଜାର ଟଙ୍କା ଦରମା ଦେବ ବୋଲି କହି ସେମାନଙ୍କୁ ନେଇଥିଲେ। ସେଠାରେ ଦୁଃଖକଷ୍ଟରେ ରହିବା ସହ ଏକପ୍ରକାର ବନ୍ଦୀଜୀବନ ବିତାଉଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସେଠାରୁ ମୁକୁଳି ଆସିଛନ୍ତି। ଶୁକ୍ରବାର ଏମାନେ ଘରକୁ ଫେରିବା ପରେ ପରିବାରରେ ଆନନ୍ଦ ଦେଖିବାକୁ ମିଳିଛି। ସେହିପରି ଘରକୁ ଫେରି ସେମାନଙ୍କ ଦୁଃଖ କାହାଣୀ ବର୍ଣ୍ଣନା କରିଛନ୍ତି।

ପ୍ରତାପଙ୍କ କହିବାନୁସାରେ, ସେ ଓ ଗୁମାନ ଜୁଲାଇ ୨୦୧୮ରେ କାମ କରିବା ପାଇଁ ଦୁବାଇ ଯାଇଥିଲେ। ସେଠାରେ ଜଣେ ଠିକାଦାର ତାଙ୍କୁ ରଡ଼ ବାନ୍ଧିବା କାର୍ଯ୍ୟ କରିବାକୁ କହିଥିଲେ। ରହିବା ପାଇଁ ଘର ଦେଇଥିବା ବେଳେ ଖାଇବାକୁ କେବଳ ଭାତ ଓ ଡ଼ାଲି ଦେଉଥିଲେ। ଅନ୍ୟ କିଛି ଉପାୟ ନ ଥିବାରୁ ଏମାନେ ବାଧ ହୋଇ ତାହା ଖାଉଥିଲେ। ତାଙ୍କ ସହିତ ଗଞ୍ଜାମ ଓ ଖୋର୍ଦ୍ଧା ଜିଲାରୁ ଯାଇଥିବା ଅନ୍ୟ ୮ ଜଣ ଶ୍ରମିକ ମଧ୍ୟ ଏହି କାମ କରିଥିଲେ। ଦୁଇ ମାସ କାମ କରିବା ପରେ ଆଉ କାମ କରିବାକୁ ଦେଲେ ନାହିଁ। ଖାଇବାକୁ ମଧ୍ୟ ଦିଆଗଲା ନାହିଁ । ଏହିଭଳି ଭାବେ ତାଙ୍କୁ ହଇରାଣ କରାଗଲା। ପ୍ରଥମେ ୨/୪ମାସ ଠିକାଦାର ଜଣଙ୍କ କିଛି ଟଙ୍କା ଦେଇଥିବା ବେଳେ ଅନ୍ୟ ମାସର ଦରମା ଦେଉ ନ ଥିଲେ। ଏପରିକି ନାଲି ଆଖି ମଧ୍ୟ ଦେଖାଉଥିଲେ। ସେଠାରେ କେହି ନ ଥିବାରୁ ଶ୍ରମିକମାନେ ବାଧ ହୋଇ ଡରିମରି ନିର୍ଯ୍ୟାତନା ସହି ରହୁଥିଲେ। ଏହା ପରେ ସେମାନଙ୍କ ମଧ୍ୟରୁ ଗଞ୍ଜାମର ଜଣେ ଶ୍ରମିକ ସେମାନଙ୍କ ନିର୍ଯ୍ୟାତନାର ଦୃଶ୍ୟ ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଏହା ପରେ ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ସହଯୋଗ ଲୋଡ଼ିଥିଲେ। ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଦୁବାଇସ୍ଥିତ ଭାରତୀୟ ଦୂତାବାସଙ୍କୁ ଜଣାଇଥିଲେ। ପରେ ୨୬ ତାରିଖରେ ସମସ୍ତ ୧୦ ଜଣ ଶ୍ରମିକ ଉଦ୍ଧାର ହୋଇଥିଲେ। ଶୁକ୍ରବାର ପ୍ରତାପ ଓ ଗୁମାନ ଘରକୁ ଫେରିଛନ୍ତି। ଉଭୟଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି। ପରିବାର ଲୋକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶା ଭିତରେ କାମ କରିବେ, ହେଲେ ବାହାରକୁ ଯିବେ ନାହିଁ ବୋଲି ପ୍ରତାପ ଓ ଗୁମାନ କହିଛନ୍ତି।



ପରିବାର ସହିତ ଘର ଆଗରେ ପ୍ରତାପ ଓ ଗୁମାନ ।

# ଶୁଳିଆ ଜଙ୍ଗଲରୁ ୩ ଶିକାରୀ ଗିରଫ

## ବନ୍ଧୁକ ଜବତ କଲା ବନ ବିଭାଗ



ଗିରଫ ୩ ଶିକାରୀ ଓ ଜବତ ବନ୍ଧୁକ

ନୟାଗଡ଼ ଅଫିସ/ ଓଡ଼ଗାଁ (ସ୍ୱ.ପ୍ର.),୨୮।୬

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଶୁଳିଆ ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ରାତିରେ ବନ ବିଭାଗ ୩ ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସାକେରୀ ଗ୍ରାମର କାଲୁ ମହାରଣା, କଣମରେଇ ସାହିର ଧ୍ରୁବ ପ୍ରଧାନ ଓ ସନ୍ୟାସୀ ବେହେରା।

ପ୍ରକାଶ ଯେ, ଗୁରୁବାର ରାତି ୧୦ଟାରେ ଓଡ଼ଗାଁ ବନ ବିଭାଗ ଶୁଳିଆ ସରକ୍ଷିଂତ ଜଙ୍ଗଲର କମ୍ପାଣ୍ଟମେଣ୍ଟ ୬ରେ ଶିକାରୀମାନେ ଯାଇଥିବା ନେଇ କର୍ମଚାରୀ ସୂଚନା ପାଇଥିଲେ। ଏହା ପରେ ଓଡ଼ଗାଁ ରେଞ୍ଜର ରବୀନ୍ଦ୍ର ନାଥ ପଣ୍ଡା, ଫରେଷ୍ଟର ଜ୍ୟୋତିରଞ୍ଜନ ମାନସିଂ ନିଜ ଟିମ୍ ସହିତ ରାତିରେ ଜଙ୍ଗଲରେ ପଶିଥିଲେ। ଜଙ୍ଗଲ ଭିତରେ ଟର୍ଚ୍ଚ ଲାଇଟ ପଡ଼ିବା ସହ ଏକ ଫାୟରିଂ ହୋଇଥିଲା। ପରେ ଶିକାରୀମାନେ ଜଙ୍ଗଲରେ ଥିବା ନେଇ ବିନବିଭାଗର ଟିମ୍ ନିଶ୍ଚିତ ହୋଇଥିଲେ। ବନ କର୍ମଚାରୀମାନେ ବନ୍ଧୁକ ଧରିଥିବା ଧ୍ରୁବଙ୍କୁ ପ୍ରଥମେ ଧରିଥିଲେ। ଏହା ପରେ ଅନ୍ୟ ୨ ଶିକାରୀଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ନାମରେ ୨୯-୧୯ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଫରେଷ୍ଟର ଜ୍ୟୋତିରଞ୍ଜନ ମାନସିଂ ସୂଚନା ଦେଇଛନ୍ତି।

# ଭତ୍ତା ବୃଦ୍ଧି ଦାବିରେ ମହିଳା ଜୀବିକା ସୁରକ୍ଷା ମଞ୍ଚର ଶୋଭାଯାତ୍ରା

ଦଶପଲ୍ଲା,୨୮।୬(ଡି.ଏନ.ଏ.)

ଦଶପଲ୍ଲା ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଏକ ଶୋଭାଯାତ୍ରା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି।

ମଞ୍ଚର ଦାବି ମୁତାବକ ପଡୋଶୀ ରାଜ୍ୟ କେରଳରେ ୧୨ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉ ଥିବା ବେଳେ ତେଲେଙ୍ଗାନାରେ ୩ ହଜାର ଓ ଦିଲ୍ଲୀରେ ୨ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଏହା ତୁଳନାରେ ଓଡିଶାରେ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଅସହାୟମାନଙ୍କୁ ଅଣଦେଖା ସଦୃଶ ମାତ୍ର ୫ ଶହ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ବୃଦ୍ଧି କରାଯାଇ ପ୍ରତ୍ୟେକ ଭତ୍ତାଧାରୀଙ୍କୁ ମାସିକ ୩ ହଜାର ଟଙ୍କା ପ୍ରଦାନ କରିବା, ପ୍ରତ୍ୟେକ ହିତାଧିକାରୀଙ୍କୁ ବ୍ୟାଙ୍କ ଜମାଖାତା ଦ୍ୱାରା ସହାୟତା ରାଶି ପ୍ରଦାନ କରିବା, ଭତ୍ତା ଆଣିବାକୁ ସକ୍ଷମ ନ ଥିବା ହିତାଧିକାରୀମାନଙ୍କ ପାଖକୁ ଯାଇ ସହାୟତା ରାଶି ପହଞ୍ଚାଇବା ବ୍ୟବସ୍ଥା କରିବା, ଯେଉଁ ପରିବାର ନିଜର ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଓ ଅସହାୟମାନଙ୍କୁ ଅଣଦେଖା କରୁଛନ୍ତି ସେମାନଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ପ୍ରତ୍ୟେକ ବ୍ଲକରେ ବୃଦ୍ଧାଶ୍ରମ ଏବଂ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବା ଦାବିରେ ମଞ୍ଚପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଆବାହକ କୁନାକାନ୍ତ ବେହେରାଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ସ୍ଥାନୀୟ ମେଳିଆ ତୋଟାଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ ଏବିଡିଓ ଦିବ୍ୟସିଂହ କହଁରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।




ବ୍ଲକ କାର୍ଯ୍ୟାଳୟ ଠାରେ ମହିଳା ଜୀବିକା ସୁରକ୍ଷା ମଞ୍ଚର ସଦସ୍ୟମାନେ

### ବିହନ ବିଶୋଧନ ସଚେତନତା

ବୋଲଗଡ଼,୨୮।୬(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅଞ୍ଚଳରେ ଚାଷୀଙ୍କ ପାଇଁ ଖରିଫ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଞ୍ଚଳର ୬୨ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ନିମନ୍ତେ ଲକ୍ଷ୍ୟ ରହିଥିବାବେଳେ ଶୁକ୍ରବାର ୪୮ଟି ଗ୍ରାମରେ ଏହା ଅନୁଷ୍ଠିତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଜୁଲାଇ ମାସ ପର୍ଯ୍ୟନ୍ତ ଜାରି ରହିବ। ଗେଡିଆପଲ୍ଲୀ ପଞ୍ଚାୟତସ୍ଥ ୪ ଗ୍ରାମରେ କୃଷି ବିଭାଗ ପକ୍ଷରୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ବୋଲଗଡ଼ କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର ଏବଂ ପିତୁକୁଳି ସହକାରୀ କୃଷି ଅଧିକାରୀ ସୀତା ରତ୍ନମାଳା ଦାସ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ବିହନ ବିଶୋଧନ ସମ୍ପର୍କରେ ବୁଝାଇଥିଲେ।

# ବାରିକ ସମାଜକୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ ଦାବି

ଭାପୁର,୨୮।୬(ଡି.ଏନ୍.ଏ.)

ଅର୍ଥନୈତିକ ପ୍ରଗତି ହିଁ ସାମାଜିକ ଉତ୍‌ଥାନର ମୁଖ୍ୟ କାରଣ ହୋଇଥାଏ। ଓଡ଼ିଶାରେ ଏବେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଆର୍ଥିକ ପ୍ରଗତି ହେଉଛି। ମାତ୍ର ଏହି ସ୍ରୋତର ବହୁ ପଛରେ ବାରିକ ସମାଜ ପଡ଼ିଯାଇଛି ବୋଲି ନୟାଗଡ଼ ଜିଲା ଭାପୁର ବ୍ଲକ ଶାସନ ପଞ୍ଚାୟତ ଟିକିରିପଡ଼ା ଗ୍ରାମଠାରେ ଆୟୋଜିତ ବୈଠକରେ ବାରିକ ସମାଜ ପକ୍ଷରୁ ମତ ପ୍ରକାଶ ପାଇଛି। ଗୁରୁବାର ଖଣ୍ଡପଡ଼ା ଓ ଭାପୁର ବ୍ଲକର ଗାସେନୀ ବାରିକ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ନିଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜଗନ୍ନାଥ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ପାଦକ ଚୈତନ୍ୟ ବାରିକ, ଉପସଭାପତି ଦାଶରଥି ସିଂ, ଚାଳକ ବେହେରା, ସୁବାସ ଚନ୍ଦ୍ର ବାରିକ, ଆଞ୍ଚଳିକ ବେହେରା, ଦଣ୍ଡପାଣି ବାରିକ, ବରିଷ୍ଠ ସଭ୍ୟ ଜୟକୃଷ୍ଣ ବାରିକ, ପାଣ୍ଡବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

■ ନୟାଗଡ଼ରେ ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ

# ୨୫ ମାମଲାରୁ ୨ଟିର ଶାନ୍ତିପୂର୍ଣ୍ଣ ସମାଧାନ

ନୟାଗଡ଼ ଅଫିସ,୨୮।୬

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ଅଧକ୍ଷତାରେ ହୋଇଥିବା ଏହି ଶିବିରରେ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି,କୁସୁମୀ ରଥ, ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ଶିବିରରେ ୨୫ଟି ମାମଲା ଉପସ୍ଥାପନ କରାଯାଇଥିଲା। ୨୫ଟି ମାମଲାରୁ ୫ଟି ମାମଲାରେ ଉଭୟ ପକ୍ଷରୁ ଲୋକମାନେ ଉପସ୍ଥିତ ଥିବା ବେଳେ ୧୭ ମାମଲାରେ କେବଳ ଅଭିଯୋଗକାରୀମାନେ ଉପସ୍ଥିତ ରହିଥିଲେ। ସେହିଭଳି ୩ଟି ମାମଲାରେ କେବଳ ବିପକ୍ଷ ଗୋଷ୍ଠୀର ଲୋକମାନେ ଉପସ୍ଥିତ ଥିଲେ। ୨୫ ମାମଲାରୁ ୨ଟିର ଶାନ୍ତିପୂର୍ଣ୍ଣ ସମାଧାନ ହୋଇଥିଲା। ୩ ମାମଲା ଏସ୍‌ପିଙ୍କ ନିକଟକୁ ଓ ଗୋଟିଏ ସୁରକ୍ଷା ଅଧିକାରୀଙ୍କ ପାଖକୁ ସ୍ଥାନାନ୍ତର କରାଯାଇଥିଲା। ୧୮ମାମଲାର ଶୁଣାଣି ଆଉଥରେ ହେବା ପାଇଁ ନୋଟିସ ହୋଇଥିଲା। ଗୋଟିଏ ମାମଲାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ସ୍ପଟ ଭିଜିଟ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହିଳା କମିଶନର କର୍ମଚାରୀ ତ୍ରିଲୋଚନ ନାୟକ, ଅରବିନ୍ଦ ପଟ୍ଟନାୟକ, ଚିତ୍ତରଞ୍ଜନ ସାହୁ, ମହେନ୍ଦ୍ର କୁମାର ସ୍ୱାଇଁ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି ଅଭିଯୋଗ ଶୁଣୁଛନ୍ତି।

# ଶୋଚନୀୟ ଅବସ୍ଥାରେ ପୂର୍ତ୍ତ ବିଭାଗ ରାସ୍ତା

## ପାଇପ୍ ଫାଟି ପାଣି ଜମା ହେବାରୁ ସୃଷ୍ଟି ହେଉଛି ସମସ୍ୟା

ଖଣ୍ଡପଡ଼ା, ୨୮।୬(ସ୍ୱ.ପ୍ର.)

ଭାପୁର ବ୍ଲକ ପଥରଚକଡ଼ାରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାର ଅବହେଳା ଯୋଗୁ ପୂର୍ତ୍ତ ବିଭାଗ ରାସ୍ତାରେ ପାଇପ୍ ଫାଟି ପାଣି ଲିକ୍ ହେଉଛି। କ୍ରମାଗତ ଭାବେ ପାଣି ଜମା ହେବା ଫଳରେ ଖାଲଖମା ସୃଷ୍ଟି ହୋଇ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ରାସ୍ତା ପ୍ରତିଦିନ ଶହ ଶହ ଯାନବାହନ ଓ ଯାତାୟାତକାରୀଙ୍କ ପାଇଁ ବିପଜ୍ଜନକ ପାଲଟିଛି। ସୂଚନାଯୋଗ୍ୟ, ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଭୂମି ତଳେ ପାଇପ୍ ବିଛାଯାଇଥିଲା । ତେବେ ଏହି ପାଇପ୍ ନିମ୍ନମାନର ହୋଇଥିବାରୁ ପାଣି ଲିକ୍ ହୋଇ ଜମା ହେବା ସହ ରାସ୍ତା ଉପରୁ ମାଟି ଧୋଇ ହୋଇଯାଉଛି। ସୂଚନାଯୋଗ୍ୟ, କଣ୍ଟିଲୋ-ପଥରଚକଡ଼ା ମୁଖ୍ୟ ପୂର୍ତ୍ତରାସ୍ତାର ଗଉଡ଼ସାହି ନିକଟସ୍ଥ ରାସ୍ତା ଉପରେ ପ୍ରତ୍ୟହ ଶତାଧିକ ହାଇୱା, ଭାରିଯାନ, ଟ୍ରାକ୍ଟର ଯୋଗେ ପଥରଚକଡା ମହାନଦୀ ବାଲିଘାଟରୁ ବାଲିଚାଲାଣ ହୋଇଥାଏ। ଏହି ଭାରିଯାନଗୁଡ଼ିକ ଯୋଗୁ ରାସ୍ତା ଅଧିକ ଶୋଚନୀୟ ହୋଇପଡୁଛି । ତେଣୁ ଅନେକ ସମୟରେ ସାଧାରଣ ପଥିକ, ଛାତ୍ରୀଛାତ୍ର ଓ ଯାନବାହନଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଏ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନ ହେବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଉଲ୍ଲେଖଯୋଗ୍ୟ ବାଲି ପରିବହନ ସଂସ୍ଥା ଅନେକ ସମୟରେ ଏହି ରାସ୍ତାକୁ ମରାମତି କରୁଥିଲେ ମଧ୍ୟ ରାସ୍ତାଟି କିଛି ଦିନ ପରେ ପୁଣି କଦର୍ଯ୍ୟ ଅବସ୍ଥାକୁ ଆସିଯାଉଛି। ତେଣୁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

### ଶିକ୍ଷୟିତ୍ରୀଙ୍କ ପରଲୋକ

ଖଣ୍ଡପଡ଼ା,୨୮।୬(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ଲିପ୍‌ସା ଦାସ (୩୫)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଶୁକ୍ରବାର ପରଲୋକ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ଯୋଗୁ ଚିକିତ୍ସିତ ହେଉଥିଲେ। ତାଙ୍କର ଅକାଳ ବିୟୋଗରେ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କ ସମେତ ସିଧାମୂଳା ଗ୍ରାମବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡିଶା ମାଧ୍ୟମିକ ଶିକ୍ଷକ ସଂଘର ନୟାଗଡ ଜିଲା ସଭାପତି ନିରଞ୍ଜନ ଆଚାର୍ଯ୍ୟ, ଖଣ୍ଡପଡା ବ୍ଲକ ସମ୍ପାଦକ ହରିହର ଗୋଛି, ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ସମେତ ଅନ୍ୟମାନେ ସ୍ୱର୍ଗତା ଦାସଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

■ ସବର୍ଣ୍ଣ-ଅସବର୍ଣ୍ଣ ମଧ୍ୟରେ ବିବାଦ

# ସମାଧାନ ନ ହେଲେ ଗୋଷ୍ଠୀ ସଂଘର୍ଷ ଆଶଙ୍କା

■ଅଭିଯୋଗ କଲେ ସବର୍ଣ୍ଣ

■ଗୋଚର ଜମିକୁ ଜେସିବି ଲଗାଇ ସଫା

ରଣପୁର, ୨୮।୬(ସ୍ୱ.ପ୍ର.)

ଅନ୍ୟ ଏକ ଗ୍ରାମର ଅସବର୍ଣ୍ଣ ଜାତିର ଲୋକେ ସବର୍ଣ୍ଣଙ୍କ ଗୋଚର ଜମିକୁ ଜେସିବି ଲଗାଇ ସଫା କରିବା ଘଟଣାକୁ ନେଇ ରଣପୁର ଅଞ୍ଚଳରେ ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏ ନେଇ ସବର୍ଣ୍ଣମାନେ ଶୁକ୍ରବାର ତହସିଲଦାର ଓ ଥାନା ଅଧିକାରୀଙ୍କ ନିକଟରେ ଅସବର୍ଣ୍ଣମାନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ନୟାଗଡ ଜିଲା ରଣପୁର ତହସିଲ ଅନ୍ତର୍ଗତ ମୁଶାଝରି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରିଆସୁଛନ୍ତି । ଗ୍ରାମ ନିକଟସ୍ଥ କିଛି ଗୋଚର ଜମିରେ ସେମାନଙ୍କର ଗୃହପାଳିତ ପଶୁମାନେ ଚରାବୁଲା କରିଥାନ୍ତି। ତେବେ କିଛିମାସ ହେବ ଅନ୍ୟ ଏକ ଗ୍ରାମ ସିନ୍ଦୁରିଆର କିଛି ଅସବର୍ଣ୍ଣ ଲୋକେ ମୁଶାଝରି ଗ୍ରାମ ନିକଟସ୍ଥ ଗୋଚର ଜମି ଓ ରାସ୍ତାକୁ ଜେସିବି ଦ୍ୱାରା ସଫା କରିଥିବା ଅଭିଯୋଗ ହୋଇଛି । ଏହାଦ୍ୱାରା ମୁଶାଝରି ଗ୍ରାମବାସୀ ଏହି ରାସ୍ତା ଓ ଜମିରେ ଲଗାଇ ଥିବା ଫଳଗଛ ନଷ୍ଟ ହୋଇଯାଇଛି। ଉକ୍ତ କାର୍ଯ୍ୟକୁ ବିରୋଧ କରିବାରୁ ଅସବର୍ଣ୍ଣ ଗୋଷ୍ଠୀ ଜାତିଆଣ ମାମଲା କରିବାକୁ ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସବର୍ଣ୍ଣ ପରିବାରର ମହିଳା/ପୁରୁଷ ଏକଜୁଟ ହୋଇ ରଣପୁର ତହସିଲଦାର ଓ ଥାନାରେ ଅସବର୍ଣ୍ଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଗୋଷ୍ଠୀ ସଂଘର୍ଷ ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଥାନାରେ ଅଭିଯୋଗ କରିଥିବା ମୁଶାଝରି ଗ୍ରାମବାସୀ।

■ ଗଜା ହେଉନି ସରକାରୀ ଧାନ ବିହନ

# ପୁରୁଣା ବିହନ କିଣି ସମିତି ଏବେ ହରଡ଼ଘଣାରେ

ନିରାକାରପୁର,୨୮।୬(ଡି.ଏନ୍.ଏ.)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (ଟାଙ୍ଗୀ) ଶାଖାର କାଶୀପୁରସ୍ଥିତ ୨ଟି ସେବା ସମବାୟ ସମିତି ଖରିଫ୍ ଋତୁ ପାଇଁ ଧାନ ବିହନ ଓଡ଼ିଶା ଷ୍ଟେଟ୍ ସିଡ୍‌ସ କର୍ପୋରେଶନ୍ ଲିମିଟେଡ୍ ଗୋଦାମରୁ କ୍ରୟ କରିଥିଲେ । ଏହାର ଚିଠି ନଂ ହେଉଛି ଖୋର୍ଦ୍ଧା ୦୧୯୪/୨୦୧୯ । କଳା ଚମ୍ପା, ହଜାରେ ଏକ, ପୂଜା, ଶାରଳା ଏବଂ ହଜାରେ ପଞ୍ଚସ୍ୱରୀ ଆଦି ୫୦ କୁଇଣ୍ଟାଲ ଧାନ ବିହନ ସମିତି କ୍ରୟ କରି ଚାଷୀମାନଙ୍କୁ ବିକ୍ରୟ କରିଥିଲା । ତେବେ ଏହାକୁ ନେଇ ଚାଷ କରିଥିଲେ ମଧ୍ୟ କୌଣସି ବିହନ ଗଜା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେଣୁ ବଳକା ବିହନ ଫେରାଇ ଚାଷୀମାନେ କ୍ରୟ ଟଙ୍କା ଫେରିପାଇବାକୁ ଦାବି କରିଛନ୍ତି । ପୁରୁଣା(ଓଲ୍ଡ଼ ଷ୍ଟକ୍) ଓ ଅନୁପୋଯୋଗୀ ବିହନ କ୍ରୟ କରି ସମିତି ଏବେ ହରଡ଼ଘଣାରେ ପଡିଛି ବୋଲି ସମିତି ସଭାପତି ଲଛମନ ନାୟକ ପ୍ରକାଶ କରିଛନ୍ତି। ଗଜା ହେଉ ନ ଥିବାରୁ ଚାଷୀମାନେ ଯେଉଁ ବିହନ ଫେରାଇଛନ୍ତି, ତାହାର ଭରଣା ଆମେ କିପରି କରିବୁ ବୋଲି କୃଷି ବିଭାଗକୁ ସମିତି ଅବଗତ କରିଥିବା ନାୟକ ସୂଚନା ଦେଇଛନ୍ତି।

